
# ଗ୍ରାମ ସେବିକା

୦/୨/୧/୭
୨୧୭



# ଗଣ ଓଡ଼ିଶା

17 JUL 1959

ଶ୍ରୀ ଦୀନବନ୍ଧୁ ମିଶ୍ର

ପ୍ରକାଶକ :

ଉତ୍କଳ ସାହିତ୍ୟ ମନ୍ଦିର

କଟକ-୨

ପ୍ରଥମ ପ୍ରକାଶ :
ମଇ — ୧୯୫୯

ପ୍ରକାଶକ :
ଶ୍ରୀ ହରିହର ପ୍ରସାଦ ପଟ୍ଟନାୟକ
ଉତ୍କଳ ବାଣୀ ମନ୍ଦିର
କଟକ — ୨

ମୁଦ୍ରାକର :
ଶ୍ରୀ ବାଳକୃଷ୍ଣ ସାହୁ
କଳିଙ୍ଗ ଭାସ୍କର ମୁଦ୍ରଣାଳୟ
ମାନସିଂହ ପାଟଣା, କଟକ — ୧

ମୂଲ୍ୟ :
ଏକଟଙ୍କା

ପଞ୍ଜୀ ଅଙ୍କ 17 JUL 19..

ତରୁଣ ଲେଖକ କଲମ ଧରେ, ତାର କେତେ ଦିନର ସାଇତା ଭାବଧାରାକୁ କଲମ ମୁନରେ ଫୁଟାଇବା ପାଇଁ । ଅତି ଆଗ୍ରହରେ ଏକ, ଦୁଇ, ତିନି କରି ଲେଖିଯାଏ ଆଠ ଦଶଟି ପୃଷ୍ଠା— ସେତିକିରେହିଁ ତା ଲେଖାର ପଡ଼ିଯାଏ ପୂର୍ଣ୍ଣଚ୍ଛେଦ । ଭାବନାର ଖିଅ ଗୋଳମାଳ ହୋଇଯାଏ । କଲମ ମୁନ ଆପେ ଆପେ ଅଟକି ଯାଏ— ମନର ଭାବ ଚହଲି ଯାଏ । ଧୈର୍ଯ୍ୟ ହରାଇ ବିବ୍ରତ ହୋଇ ପଡ଼େ ଲେଖକ ।

ଯେଉଁ ଅଦମ୍ୟ ପିପାସା ନେଇ ସେ ଲେଖକ ହେବାକୁ ଯାଉଥିଲା— କେତେ ଦିନର ସାଇତା କଳ୍ପନା-ପୁରୀର ଅପରୂପ ବସ୍ତୁକୁ ଜନ ସାଧାରଣଙ୍କ ଆଗରେ ବାଢ଼ିବା ପାଇଁ ଆଶା ପୋଷଣ କରିଥିଲା । ସେ ଆଶା ତାର ମରୀଚିକାରେ ପରିଣତ ହୋଇଯାଏ— ଟିକ୍‌ଟିକ୍ କରି ଚିରି ପକାଏ ଲେଖିଥିବା କାଗଜ କେଇଖଣ୍ଡି । ମନର ସ୍ୱର୍ଗ ମଉଳିଯାଏ— କଲମ ଛାଡ଼ି ଦେଇ ଅନ୍ତରକୁ ଧିକ୍କାର କରି, ଚୁପ୍ ହୋଇ ବସି ରହେ ଲେଖକ ।

ପୁଣି ମନ ବିଦ୍ରୋହୀ ହୋଇ ଉଠେ— ଲେଖକ ହେବାକୁ ଜିଦ୍ ଧରି କଲମ ମୁନରେ ଲେଖି ଚାଲେ— କଳ୍ପନା-ସ୍ୱର୍ଗର ମନଗଢ଼ା ଗପ । ଭଲ ମନ୍ଦ କରି କେତେ କ'ଣ ଲେଖିଯାଏ— ତାର ହିସାବ ନାହିଁ— ଶେଷରେ ସ୍ୱପ୍ନ ତା'ର ସଫଳ ହୁଏ । କେତେ କାଟ୍ ଛାଟ୍ ଖାଇ ପାଣ୍ଡୁଲିପିଟି ମୂର୍ତ୍ତିମନ୍ତ ହୋଇ ଉଠେ । ମନରେ ଆସେ ଶାନ୍ତି, ହୃଦୟରେ ଆସେ ଆନନ୍ଦ । ହସି ହସି ଆଗେଇ ଯାଏ, ଦେଖିବ ଭାଇ ଭଉଣୀଙ୍କ ହାତରେ ଟେକି

ଦେବାକୁ ତା ଜୀବନର ପହିଲି ଲେଖା— ସେତିକିରେହିଁ ତା ଲେଖକ ଜୀବନର ସାର୍ଥକତା ।

ସେହି ଅବସ୍ଥାର ସମ୍ମୁଖୀନ ହୋଇ ଅଜି ଦେଖା ଦେଇଛି— "ଗଣ ସେବିକା" କଳ୍ପନା ଜଗତର ଏକ ବାସ୍ତବ ଚିତ୍ର । ତଥାପି ଚିତ୍ରଣରେ ତ୍ରୁଟି ଥାଇପାରେ— ସେ ତ୍ରୁଟିକୁ ସୁଧୀ ପାଠକ ପାଠିକାଗଣ କ୍ଷମା ଦେବେ ବୋଲି ମୋର ଆଶା ।

ପରିଶେଷରେ ଯେଉଁମାନେ ଦେଶ ଓ ସମାଜର ପୁନର୍ଗଠନରେ ସ୍ୱତଃ ପ୍ରବୃତ୍ତ ହୋଇ ନିଜର କାୟ-ମନୋବାକ୍ୟରେ ଆଗେଇ ଚାଲିଛନ୍ତି ସେହିମାନଙ୍କ ହାତରେ ଅର୍ପଣ କରୁଛି । ଇତି

ବୀଣାପାଣି ପାଠାଗାର
ରକ୍ଷା ପୂର୍ଣ୍ଣିମା
ତା ୨୮ । ୮ । ୫୮

ବିନୀତ
—ଲେଖକ

ନଂ ୨୧୭
ତା 17 JUL 1959
ରଉରକେଲ

## ଏକ

ଯେଉଁ ଦେଶରେ ସୀତା, ସାବିତ୍ରୀ, ଦମୟନ୍ତୀଙ୍କର ଜନ୍ମ—

ଯେଉଁ ଦେଶରେ ପଦ୍ମିନୀ, ଦୁର୍ଗାବତୀ, ଲକ୍ଷ୍ମୀ ଦେଈ, ଝାନ୍ସିରାଣୀ ବୀର ନାରୀ ନାମରେ ପରିଚିତା— ସେହି ପୁଣ୍ୟ ଭାରତ ଭୂମିରେ ଆଜି ତୁମେ ବି ଜନ୍ମଗ୍ରହଣ କରିଛ— ତୁମର ସୁଦୂର ଭବିଷ୍ୟତ ନେଇ। ତୁମେ କି ସେଇ ନାରୀ ନୁହଁ ? ତୁମର କି ଦେଶ ପ୍ରତି, ଜାତି ପ୍ରତି କର୍ତ୍ତବ୍ୟ ନାହିଁ— ଶହ ଶହ ବୁଭୁକ୍ଷୁ ଜନତା ଆକୁଳ ନୟନରେ ଚାହିଁଛନ୍ତି— ଖାଇବାକୁ ଦାନା ନାହିଁ— ପିନ୍ଧିବାକୁ କନା ନାହିଁ— ତାଙ୍କରି ମନରେ ଜାଗରଣ ଆଣି ପାରିଲେ ତୁମର ନାରୀ ଜନ୍ମର ସାର୍ଥକତା—

ତା ସତ। ତଥାପି......

ତଥାପିର ପ୍ରଶ୍ନ ନୁହେଁ ବୀଣା ! ପୁରାଣର ପ୍ରତ୍ୟେକ ପୃଷ୍ଠା ଓଲଟାଅ ଦେଖିବ, ସୀତାଙ୍କର ଅକଳଙ୍କ ମୂର୍ତ୍ତି— ସାବିତ୍ରୀଙ୍କର ଅପରିସୀମ ଧୈର୍ଯ୍ୟ— ଦମୟନ୍ତୀଙ୍କର ପତି ଭକ୍ତିର ପରାକାଷ୍ଠା। ଆଉ ଇତିହାସ ଆଡ଼କୁ ଦୃଷ୍ଟି ଫେରାଅ ବୀଣା ! ଦେଖିବ— ବୀର ନାରୀମାନେ ଦୁର୍ଗା, କାଳୀଙ୍କ ପରି ଭୀଷଣ ମୂର୍ତ୍ତି ଧାରଣ କରି ଶତ୍ରୁ ସହିତ ଅସ୍ତ୍ର ଚାଳନାରେ କିପରି ଧୁରନ୍ଧର ଥିଲେ।

ସେ ତ ପୁରାଣ ଯୁଗର କଥା, କିନ୍ତୁ ଏ ବିଜ୍ଞାନ ଯୁଗରେ ତା କଣ କେବେ ସମ୍ଭବ ?

ଏ ବିଜ୍ଞାନ ଯୁଗରେ ସରୋଜିନୀ, କସ୍ତୁରବା, ବିଜୟଲକ୍ଷ୍ମୀ, ରମା ଦେବୀଙ୍କ ଆଦର୍ଶରେ ନିଜକୁ ଗଢ଼ିବାକୁ ଚେଷ୍ଟା କର ବୀଣା ! ଏହିମାନେହିଁ ଦିନେ ଘରର ସମସ୍ତ ଜଞ୍ଜାଳକୁ ଜଳାଞ୍ଜଳି ଦେଇ ଦେଶ ମାତୃକାର ଆହ୍ୱାନକୁ ସ୍ୱାଗତ ଜଣାଇ, ଲମ୍ଫ ଦେଇଥିଲେ ବିଦେଶୀ ଶାସନର ତୀବ୍ର ନିନ୍ଦାବାଦ କରି । ସେହିମାନଙ୍କ ସଂଗଠନରେ ଆଜି ଭାରତର ନାରୀ ସଭ୍ୟତା ଖୁବ୍ ଉଚ୍ଚରେ । ନିଜକୁ ଏତେ ଛୋଟ ମନେ କର ନାହିଁ ବୀଣା ! ସେତୁବନ୍ଧରେ ଗୁଣ୍ଡୁଚି ମୂଷା ପରି ନିଜର କର୍ତ୍ତବ୍ୟ ପଥରେ ଆଗେଇ ଯାଅ । ତୁମର ଭବିଷ୍ୟତର ସୁନେଲି କଳ୍ପନା ନେଇ ଦେଖିବ— ତୁମର ଗତପଥ କେଡ଼େ ଉଜ୍ଜ୍ୱଳମୟ ହୋଇ ଉଠିବ । ତୁମରି ପ୍ରାଣରେ ପ୍ରାଣ ମିଶାଇ, ତୁମରି ପ୍ରେରଣାରେ ଅନୁପ୍ରାଣିତ ହୋଇ ମାତୃଜାତି ଆଗେଇ ଆସିବ ତାର କର୍ମମୟ ପ୍ରଶସ୍ତ କ୍ଷେତ୍ରକୁ । ହୃଦୟର ପ୍ରତି ଶିରାରେ ଜାଗି ଉଠିବ ଲୋକପ୍ରିୟତା— ନୂଆ ଆଲୋକର ସ୍ପର୍ଶରେ ଫୁଟି ଉଠିବ ଜାତୀୟତା ।

ସତେ— ମୁଁ — ମୁଁ କଣ ପାରିବି ?

ନିଶ୍ଚୟ ପାରିବ । ଦେଖ ବୀଣା, ସେବାର ପ୍ରତୀକ ବାପୁଜୀଙ୍କୁ । କାହା ପାଇଁ ସେ ହେଲେ ଲଙ୍ଗଳା ଫକୀର— ଇଚ୍ଛା କରିଥିଲେ ସିଂହାସନରେ ବସି ରାଜଭୋଗ ଖାଇ ପାରିଥାନ୍ତେ । ଜୀବନବ୍ୟାପୀ ବିଳାସ ବ୍ୟସନରେ ବୁଡ଼ି ରହି ପାରିଥାନ୍ତେ— କିନ୍ତୁ, କାହିଁକି ଦେଶ ସେବାକୁ ଜୀବନର ବ୍ରତ କରି ଅଣ୍ଟା ଭିଡ଼ି ବାହାରି ପଡ଼ିଥିଲେ— କାହିଁକି ? ସେ ଦରିଦ୍ର ନାରାୟଣଙ୍କ ପାଇଁ ନିଜର ମୂଲ୍ୟବାନ ଜୀବନକୁ ପ୍ରତି ମୁହୂର୍ତ୍ତରେ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ଥିଲେ । ତାଙ୍କରି ଡ଼ାକରେ ହଜାର ହଜାର ଜନତା ଏକ ସଙ୍ଗରେ ତାଳ ମିଳାଇ ଜାଗି ଉଠିଥିଲେ ଦେଶ ଓ ଦଶର ସେବା କରିବାକୁ । ସେହି ପୁଣ୍ୟାତ୍ମାଙ୍କର ଆଶୀର୍ବାଦ ନେଇ ଆଗେଇ ଚାଲ ବୀଣା ! ଦେଖିବ ହୃଦୟର ପ୍ରତି ତନ୍ତ୍ରୀରେ ଜାଗି ଉଠିବ ତୁମରି ଦେଶ ପ୍ରୀତିର ମଧୁର ଝଙ୍କାର । ଏ ଦେଶ

ବିରାଟ ହେଉ— ଏ ଜାତି ମହାନ୍ ହେଉ ।

ବାସ୍ତବିକ ଏଇଟା ତୁମର ସୁନ୍ଦର ପରିକଳ୍ପନା……

ଏଠିକି ଭାଷାରେ ନ କହି କାର୍ଯ୍ୟରେ ପରିଣତ କରିପାରିଲେ ଏଇ ବିରାଟ ପରିକଳ୍ପନା କାର୍ଯ୍ୟରେ ପରିଣତ ହେବ ବୀଣା ! ଚାହିଁ ଦେଖ, ଗୋବିନ୍ଦପୁରର ସେହି ବିରାଟ ହରିଜନ ବସ୍ତିକୁ— କେତେ ଅଭାବ ଅନାଟନ ଭିତରେ ବୁଡ଼ି ରହି ତଥାପି ସେମାନେ ବଞ୍ଚି ରହିବାକୁ ଆଶା ରଖିଛନ୍ତି । କାହିଁକି ସେମାନଙ୍କ ମନରେ ବଞ୍ଚି ରହିବାର ଆଶା ଜାଗି ଉଠିଛି ଜାଣ ବୀଣା ! ତାଙ୍କର ଭବିଷ୍ୟତ ତାଙ୍କୁହିଁ ବିରାଟ ପରିକଳ୍ପନାରେ ବୁଡ଼ାଇ ରଖିଛି । ପ୍ରତ୍ୟେକ ଜାତି ପ୍ରକୃତି ସହିତ ଲଢ଼ାଇ କରି ବଞ୍ଚି ରହିବାକୁ ଚାହେଁ— ଦୁନିଆ ଆଗରେ ରହିଛି ତାର ବିରାଟ କର୍ତ୍ତବ୍ୟ, ସୁଦୂର ଭବିଷ୍ୟତର ଅଫୁରନ୍ତ ଆଶା ।

ତେବେ ତୁମେ ମୋତେ କ'ଣ କରିବାକୁ କହୁଛ ?

ଏତେବେ ବି ବୁଝିପାରିଲ ନାହିଁ ବୀଣା ! ଉପରେ ଉପରେ ନ ଭାସି ଭିତରଟାକୁ ବୁଝିବାକୁ ଚେଷ୍ଟା କର— ଦେଖିବ— ସବୁ ଆପଣା ଛାଏଁ ହୋଇଯିବ ।

କ'ଣ ଗୁଡ଼ାଏ ପାଗଳଙ୍କ ଭଳି କହି ଯାଉଛ ମ ?

ଠିକ୍ କହୁଛ ବୀଣା ! ମୁଁ ପାଗଳ ! ମୁଁ ବଡ଼ ପାଗଳ ! ଏ ଦେଶ ପାଇଁ, ଦରିଦ୍ର-ନାରାୟଣଙ୍କ ସେବା ପାଇଁ ମୁଁ ଆଜି ପାଗଳ । ଅତ୍ୟାଚାରରେ ଅତ୍ୟାଚାରିତ ହୋଇ ଯେଉଁମାନେ ଆଜି ପୀଡ଼ିତ, ନିଷ୍ପେଷିତ, ସେହିମାନଙ୍କ ଡାକରେ ମୁଁ ଆଜି ପାଗଳ ହୋଇ ଯାଇଛି ବୀଣା ! ତଥାପି ମୁଁ ଚାଲିଛି ଦୃଢ଼ ସଂକଳ୍ପ ନେଇ । ସେବା ତ୍ୟାଗହିଁ ମୋ ଜୀବନର ପରମ ବ୍ରତ । ସେହି ଆଦର୍ଶକୁହିଁ ମୁଁ ମୁଣ୍ଡପାତି ବରି ନେଇଛି ।

ତେବେ ତୁମେ କ'ଣ କହିବାକୁ ଚାହଁ, ମୁଁ ତୁମର ପଥ ଅନୁସରଣ କରିବି ?

ମୁଁ ଯଦି ପାରିବି, ତୁମଆର ହଜାର ହଜାର ଲୋକ ଯଦି ପାରିବେ, ତୁମେ କାହିଁକି ନ ପାରିବ ?

ଆରେ— କ'ଣ ଜବରଦସ୍ତ ।

ନାଁ ବାଣୀ ! ଜବରଦସ୍ତିରେ କାହାର ନିକଟକୁ ଦେଶ ସେବାର ଆହ୍ୱାନ ଆସେ ନାହିଁ— ମୋର ବିଶ୍ୱାସ ଅଛି— ତୁମକୁ ପ୍ରେରଣା ଦେବାର ଶକ୍ତି ମୋର ଅଛି— ଆଗେଇ ଆସ ବାଣୀ ! ହାତରେ ହାତ ମିଳାଇ, କର୍ତ୍ତବ୍ୟ ପଥରେ ଅଗ୍ରସର ହୁଅ ।

ତେବେ କ'ଣ ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଦେଶ-ମାତୃକାର ସେବା କରିବାକୁ ପଡ଼ିବ ?

ହଁ ବାଣୀ ! ଠିକ୍ କହୁଛ— ଦେଖୁନାହିଁ— ଦେଶର ହଜାର ହଜାର ଲୋକ ଅର୍ଦ୍ଧନଗ୍ନ ଅବସ୍ଥାରେ— ଯୁବତୀ ସ୍ତ୍ରୀ ଲଜ୍ଜ୍ୟା ଢାଙ୍କିବାକୁ ସାତସିଆଁ ମଳିଆ ଲୁଗା ଖଣ୍ଡେ ବି ପାଏନା— ଭାରତ ପିତାଙ୍କ ପିନ୍ଧିଲା ବାସ ଉପରେ ନଜର ଦିଅ ବାଣୀ ! ଦେଖ— ସେ କିପରି ଏହି ଦରିଦ୍ର ନାରାୟଣଙ୍କ ଦୁଃଖରେ ଦୁଃଖୀ ହୋଇ ବ୍ରତ ନେଇଥିଲେ ଆଣ୍ଠୁ ଅଲଗ୍ନ ହାତବୁଣା ଲୁଗା ଖଣ୍ଡିଏ । ଯେଉଁ ଦେଶରେ ଗରିବ କାଙ୍ଗାଳଙ୍କର ହା-ଅନ୍ନର ବୁକୁଫଟା କରୁଣ ଚିତ୍କାର, ଯେଉଁ ଦେଶର ଅଇଣ୍ଠା ପତରରୁ ଭାତ ଝୁଣ୍ଟି ଖାଇବାକୁ କୁକୁର ଓ ମନୁଷ୍ୟ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲେ— ହଜାର ହଜାର ଲୋକ ଖାଇବାକୁ ନ ପାଇ ପୋକ ମାଛି ପରି ଝଡ଼ି ପଡ଼ନ୍ତି— କେତେ ରୋଗୀ ଔଷଧ ଟିକିଏ ନ ପାଇ ଅକାଳ ମୃତ୍ୟୁ ବରଣ କରନ୍ତି— ସେହି ଦେଶର ଧୂଳି ମାଟିରେ ଆମର ତ ଜନ୍ମ ? ଆମେ କ'ଣ ଦେଶଦ୍ରୋହୀ ଜାତିଦ୍ରୋହୀ ହୋଇ ଚିରଦିନ ନରକରେ ପଡ଼ି ଘାଣ୍ଟି ହେବା ? ନାଁ ବାଣୀ ! ରଖିଦିଅ ତୁମର ବିଳାସ ବ୍ୟସନର ସାମଗ୍ରୀ— ପାଲଟି ଦିଅ ତୁମର ଝଲମଲ୍ ଶାଢ଼ୀ—ପୋଷାକ ଦିଅ ଅତୀତର ଝଲ୍‌ଝଲ ସୁଖ । ଦରିଦ୍ର ନାରାୟଣଙ୍କ ସେବାରେ ନିଜକୁ ନିୟୋଜିତ କର ମଙ୍ଗଳମୟଙ୍କର ଆଶୀର୍ବାଦ ଭିକ୍ଷା

କର, ସେହି ଆଶୀର୍ବାଦ ବଳରେ କୋଟି ଜନତାର ମା' ମା' ଡାକ ଗଗନ ପବନ କମ୍ପାଇ ଛୁଟି ଯାଉ ଦେଶ ଦେଶାନ୍ତରେ । ଜୀବନ ହେଉ ସାର୍ଥକ— ଆତ୍ମା ହେଉ ଅମର ।

୩୬ କୋଟି ଜନତାର ପିତା, ଅତ୍ୟାଗୃହୀର ଅତ୍ୟାଗୃହର ବନ୍ଧୁକରେ ତୁମେ ତ ଦିନେ ଜାଗି ଉଠିଥିଲ— ଜାଗିଲା ଭାରତ— ତା ସହିତ ଜାଗିଥିଲେ ଚୌଳିଶ କୋଟି ଜନତା— ଅତ୍ୟାଗୃହୀର ତୋପ ଗୁଳି ଆଗରେ ହସି ହସି ପତାଇ ଦେଇଥିଲେ ନିଜ ନିଜର ବୁକୁ । କେତେ ଶହୀଦ ବୀର ଢଳି ପଡ଼ିଥିଲେ— କେତେ ବୀର ନେତା ହସି ହସି କାରା ବରଣ କରିଥିଲେ— ଆଉ କେତେ ତ୍ୟାଗୀ ଫାଶି ଖୁଣ୍ଟରେ ନିଜ ବେକ ପତାଇ ଦେଇଥିଲେ । ତଥାପି ସେମାନେ ଅଟଳ, ଅଚଳ । ପୁରାଣରେ ବର୍ଣ୍ଣିତ ଅଛି— ଚତୁର୍ଦ୍ଦଶ ବର୍ଷୀୟ ବାଳକ ଅଭିମନ୍ୟୁ ସପ୍ତରଥୀଙ୍କ ସଙ୍ଗରେ ଯୁଦ୍ଧକରି ଅମର ହୋଇଛି । କିନ୍ତୁ ଏ ଯୁଗରେ ଢେଙ୍କାନାଳର ଶହୀଦ୍ ବୀର— ବାଜି ରାଉତ ପ୍ରଜା ମଣ୍ଡଳର ଆଦେଶ ମତେ— ବିଦେଶୀ ଫଉଜଙ୍କ ଗୁଳି ଆଗରେ ଛାତି ପତାଇ ପ୍ରାଣ ଦେଇଛି, ତଥାପି ତାର କର୍ତ୍ତବ୍ୟ ପଥରୁ ତିଳେ ହେଲେ ପଛଘୁଞ୍ଚା ଦେଇନାହିଁ ' ସେହି ବୀର ପ୍ରସବିନୀ ଭାରତ ଭୂମିରେ ଆମର ଜନ୍ମ ।

ହେ ପୂଜ୍ୟ ପିତା ! ତୁମରି ଆଶୀର୍ବାଦର ବିଜୟ ଟୀକା ପିନ୍ଧି, ତୁମରି ନୀତି ଅନୁସରଣ କରି ହସି ହସି କର୍ତ୍ତବ୍ୟ ପଥରେ ଅଗ୍ରସର ହେଉଛୁଁ । ସ୍ୱର୍ଗରେ ଥାଇ ଆଶୀର୍ବାଦ କର— ଇତିହାସର ପ୍ରତ୍ୟେକ ପୃଷ୍ଠାରେ ଭାରତର ଆଦର୍ଶ ଚିରଦିନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ଶୋଭା ପାଉଥାଉ ।

ହେ ଭାରତ ଭାଗ୍ୟ ବିଧାତା ! ତୁମେ ତ ଦେଇଥିଲ— ଏ ମୂକ ଜାତି ମୁହଁରେ ଭାଷା, ତୁମେଇ ତ ଜଗାଇଥିଲ ସବୁରି ହୃଦୟରେ ସାମ୍ୟ, ମୈତ୍ରୀ ଭାବ— ତୁମରି ପ୍ରେରଣା ବଳରେ ହୋଇଥିଲା ନୂତନ ଯୁଗର

ଅଭ୍ୟୁଦୟ । ଜାତି-ଧର୍ମ ନିର୍ବିଶେଷରେ ବ୍ରାହ୍ମଣ ଠାରୁ ଚଣ୍ଡାଳ, ମୁସଲମାନ ଠାରୁ ଖ୍ରୀଷ୍ଟିୟାନ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୋଟିଏ ମନ୍ତ୍ରରେ ଦୀକ୍ଷିତ କରାଇଥିଲ । ଅହିଂସା ମନ୍ତ୍ରର ପ୍ରତି ଛନ୍ଦେ ଛନ୍ଦେ ଜାଗି ଉଠିଥିଲେ ଗଢ଼ିବାକୁ କଳ୍ପନାର ତାଜମହଲ । ତା ଆଜି ସତ୍ୟରେ ପରିଣତ ହୋଇଛି— ଭାରତ ମାତା ହାତରୁ ଲୌହ-ଶୃଙ୍ଖଳ ଫିଟିଛି— ଜାତି ଆଗେଇଛି— ସବୁ ମିଳିଛି— କିନ୍ତୁ କାହାପାଇଁ ? କିଏସେ ଏହାର ପଥ ପ୍ରଦର୍ଶକ ।

ହେ ମହାତ୍ମା ! ସ୍ୱର୍ଗରେ ଥାଇ ଆଶୀର୍ବାଦ କର— ଅନ୍ୟ ଦେଶ ସହିତ ଭାରତ ଯୁଗେ ଯୁଗେ କାନ୍ଧକୁ କାନ୍ଧ ମିଳାଇ ସମାନ ତାଳରେ ଆଗେଇ ଯାଉ ! ହେ ବାପୁଜୀ ! ତୁମରି ନୀତି ଅନୁସରଣ କରି ଆଜି ଦେଶର ହଜାର ହଜାର ନେତା ଆଗେଇ ଚାଲିଛନ୍ତି ଦେଶ ଓ ଦଶର ସେବା କରିବା ପାଇଁ । ତୁମରି ଆଶୀର୍ବାଦରେ ତାଙ୍କର ଇଚ୍ଛାହିଁ ପୂର୍ଣ୍ଣ ହେଉ । ଆସ ବୀଣା ! ସେହି ପୂଜ୍ୟ ପିତାଙ୍କ ଚରଣ ତଳେ ପ୍ରଣାମ କରି ତାଙ୍କର ଆଶୀର୍ବାଦ ଗ୍ରହଣ କରି ଆଗେଇ ଯିବା ସୁଦୂର ଭବିଷ୍ୟତକୁ ଅମର କର୍ମମୟ ଜୀବନ ନେଇ ।

## ଦୁଇ

ସେଦିନ ବୀଣା ଦେବୀଙ୍କ ଆଖି ଛଳ ଛଳ ହୋଇ ଯାଇଥିଲା— ମଦନ ବାବୁଙ୍କର କେଇ ପଦ ମନ ମତାଣିଆ କଥାରେ । ଇସ୍— କି ସାଂଘାତିକ ଏ ମଣିଷ ଜାତି । ଜଣେ ଲାଲ ଆଖି ଦେଖାଇ ପିଠିରେ ଚାବୁକ ମାରି ଲହୁ ଲୁହ ନିଗାଡ଼ିବ— ଆଉ ଜଣେ ଧର୍ମକୁ ସାକ୍ଷୀ ରଖି କର୍ମକୁ ଆଦରି ମୁଣ୍ଡ ପାତି ସବୁ ସହିବ । ନାଁ— ନାଁ— ସେ ପ୍ରକୃତରେ

ଦୋଷୀ ତା ପାଇଁ ଶାସ୍ତି ଦରକାର। ନିର୍ଦୋଷୀ ଉପରେ ଏ କଷାଘାତ କାହିଁକି ? ଏହିପରି ନାନା ଭାବନାରେ ତାଙ୍କର ଅନ୍ତର କାନ୍ଦି ଉଠିଲା, ସେ ପ୍ରତିଜ୍ଞା କରିଥିଲେ ଏହାର ପ୍ରତିବାଦ କରିବାକୁ । ସେହି ପ୍ରତିଜ୍ଞା ନେଇ ଆଜି ବାଣୀ ଦେବୀ ଆଗେଇ ଚାଲିଛନ୍ତି— ସେହି ଅଭିଶପ୍ତ ଜାତିର ମୁହଁରେ ହସ ଫୁଟାଇବାକୁ । ଭାବନାର ସୀମା ନାହିଁ— ମନରେ ଘୋର ପରିବର୍ତ୍ତନ ଦେଖା ଦେଇଛି । ଏତେ ବିଳାସ ବ୍ୟସନ ଭିତରେ ଯେ ଜୀବନବ୍ୟାପୀ ବୁଡ଼ି ରହିଥିଲା— ପିଲାଦିନର ଅଲଅଳ ସୁଖ ଯାହାର ମନରୁ ପାଶୋରି ନ ଥିଲା— ସେ ଆଜି ଧର୍ମକୁ ସାକ୍ଷୀ ରଖି ଦରିଦ୍ର ନାରାୟଣଙ୍କ ସେବାରେ ଜୀବନକୁ ଉତ୍ସର୍ଗ କରି ଦେଇଛି ।

ହେ ମହାତ୍ମା ! ତୁମର ମନ୍ତ୍ରରେ କି କୁହୁକ ଅଛି— ଯାହାର ସ୍ପର୍ଶରେ, ହୃଦୟର ପ୍ରତ୍ୟେକ ତନ୍ତ୍ରୀରେ ଜାଗି ଉଠୁଛି— ନବ ଉନ୍ମାଦନା— ନୂତନ ଉଦ୍ଦୀପନା ।

ରେ ଦଳିତ, ମଥିତ, ଅଭାଗା ଜାତି ! ଜାଗି ଉଠ— ଆଗେଇ ଆସ, ତୁମରି ପାଇଁ ବଡ଼ଘରର ଝିଅ ଆଜି ଅଣ୍ଟା ଭିଡ଼ି ଆଗେଇ ଆସିଛି— ତୁମରି ଆଖିର ଲୁହ ପୋଛି ଦେବାକୁ । ଗୋଟିଏ କଅଁଳ ପିଲାର ମା' ମା' ଡାକ ଭୁଲି— କୋଟିଏ ସନ୍ତାନର ମା' ମା' ଡାକ ଶୁଣିବାକୁ । ସେହି ମହୀୟସୀ ଜନନୀଙ୍କୁ ସ୍ୱାଗତ ଜଣାଅ । ତୁମେ କି ଏତେ ସ୍ୱାର୍ଥପର— ମା' ମା' ଡାକି ଜନନୀଙ୍କୁ କ'ଣ ଅଭିନନ୍ଦନ ଜଣାଇବ ନାହିଁ ? ତୁମେ କି ସେହି ବୁଦ୍ଧ, ଗାନ୍ଧି ଦେଶର ସନ୍ତାନ ନୁହଁ ? ଦେଶ ପାଇଁକି ତୁମ ପ୍ରାଣ କାନ୍ଦେନା ? ଆଜି ଦେଶର ଦୁର୍ଦ୍ଦିନରେ ଯେଉଁଠି ଚାଲେ ଭାଇ ଭାଇ ଭିତରେ ଦ୍ୱନ୍ଦ । ମଣିଷ ଆଜି ଯେଉଁଠି କୁକୁର ବିରାଡ଼ିଠୁଁ ବି ହୀନ । ମୁଠେ ଭାତ ପାଇଁ ଯେଉଁଠି କଙ୍କାଳ ଅଙ୍ଗୁଣା-ଖପରା ଧରି ବାରି ଦୁଆର ବୁଲେ— ଯୁବତୀ ସ୍ତ୍ରୀ ଲଜ୍ଜ୍ୟା ଢାଙ୍କିବାକୁ ଲୁଗା ଖଣ୍ଡେ ପାଏନାଁ — ତୁମେ ତ ସେହି ଦେଶର

ସନ୍ତାନ — ଏ ହୀନ ଅବସ୍ଥା ଦେଖିବାକୁ ତୁମକୁ ଟିକଏ ଲଜ୍ଜା ହୁଏନା । ତୁମର ରକ୍ତ ଶୋଷି, ଯେ ଆଜି ବଡ଼ ବଡ଼ ପେଟ କାଢ଼ିଛି — ତୁମର ହାଲବୁହା ପରିଶ୍ରମରେ ଯେ ଆଜି ସାତ ମହଲା କୋଠା ଗଢ଼ିଛି — ସେହିମାନଙ୍କୁ ଦେଖାଇ ଦିଅ, ଏ ଜାତି ଚିରଦିନ ଦରିଦ୍ର ହେଲେହେଁ ସଂଗଠନର ଅଭାବ ନାହିଁ, ସର୍ବଦା ଆତ୍ମନିର୍ଭରଶୀଳ ।

ଆସ ମା ! ତୁମର ଆହ୍ୱାନ ମୋ ହୃଦୟକୁ ଦୋହଲାଇ ଦେଉଛି— ବଞ୍ଚି ରହିଛି ସାଧବ ଜାତିର ପୁଅ ମୋହନ । ହୃଦୟର ଶିରା ପ୍ରଶିରାରେ କଳ୍ପିତ ବାସନା ଆଜି ମୋତେ ଚେତାଇ ଦେଉଛି— ଅନ୍ତରର କେଉଁ ନିଭୃତ କୋଣରୁ କିଏ ଯେପରି କହୁ ଦେଉଛି— ମୋହନ ! ଅତୀତର ସ୍ମୃତିକୁ ପାଶୋରି ଦେନା । ଦେଶ ଗୌରବ, ଜାତିର ଗୌରବ ପାଇଁ ଆତ୍ମବଳି ଦିଅ ।

ଆଖି ଆଗରେ ଏ ବିଭତ୍ସ ଦୃଶ୍ୟ ମୁଁ ଆଉ ଦେଖି ପାରିବିନି ମା ! ଆସ ମା ! ଆଲୋକ ପଥର ଯାତ୍ରୀ, ତୁମର ସ୍ୱରରେ ସ୍ୱର ମିଳାଇ ମୁଁ ହେବି ସେହି ଅସୀମ ପଥର ଯାତ୍ରୀ— ଯେଉଁଠି ଛନ୍ଦ ନାହିଁ, ମାୟା ନାହିଁ, କପଟ ନାହିଁ, ଅଛି— ଶାନ୍ତି, ସାମ୍ୟ, ମୈତ୍ରୀର ରାଜତ୍ୱ ।

ଏହି ସେହି ମୋହନ ! ଯେଉଁ ଜାତିର ବୋଇତ ଦିନେ ସାତ ସମୁଦ୍ର ତେର ନଈ ପାର ହୋଇ ଯାଉଥିଲା ସୁଦୂର ଜାଭା, ସୁମାତ୍ରା ଓ ଆଣ୍ଡାମାନ ଦ୍ୱୀପପୁଞ୍ଜକୁ । ମଣି ମାଣିକ୍ୟରେ ଉଛୁଳି ଉଠୁଥିଲା ଘର । ବାଣିଜ୍ୟରୁ ଫେରି ଅନ୍ନ-ବସ୍ତ୍ର ବାଣ୍ଟି ଦେଉଥିଲେ କେତେ ଭୋକି, ଶୋଷୀ, ଛୋଟା ଲେଙ୍ଗଡ଼ାମାନଙ୍କୁ । ମନରେ ନ ଥିଲା ଗର୍ବ, ହୃଦୟରେ ନ ଥିଲା ଘୃଣା । ସାଧବ କଥା ମନେ ପଡ଼ିଲେ ଯେ କେହି ଲୋକଙ୍କର ଛାତି ଗର୍ବରେ ଫୁଲି ଉଠେ । କେଡ଼େ ଉଦାର, କେଡ଼େ ମହତ ଥିଲେ ଏ ଜାତିର ପୂର୍ବ ପୁରୁଷ ।

ମନେ ପଡ଼େ ୧୯୪୨ ମସିହାର ସେହି ଲୁଲୁପଂଠା କାହାଣୀ । ଅନାବୃଷ୍ଟି ସଙ୍ଗେ ସଙ୍ଗେ ହା-ଅନ୍ନ, ମଡ଼କ, ମହାମାରୀର ବିଭତ୍ସ ଦୃଶ୍ୟ ।

ଶୃଗାଳ କୁକୁରଙ୍କର ବିକଟ ଚିତ୍କାର, ମୋହନର ବାପା ନାରାୟଣଙ୍କ ଆଖିରେ ଭରି ଯାଇଥିଲା ଲୁହ— କେତେ ବୃଦ୍ଧ, ଯୁବକ, ଶିଶୁଙ୍କର ଅକାଳ ମୃତ୍ୟୁରେ । କେତେ ଭୋକ ଶୋଷୀଙ୍କର ହା-ଅନ୍ନ ଚିତ୍କାରରେ ଆଉ କେତେ ବିଧବା ଯୁବତୀଙ୍କର କରୁଣ ଆର୍ତ୍ତନାଦରେ । ଖୋଲି ଦେଇଥିଲେ ଅମାର, ବାଣ୍ଟି ଦେଇଥିଲେ ନିଜର ସଞ୍ଚିତ ସମସ୍ତ ଧାନ ଚାଉଳ ଲୁଗାପଟା । ଏହି ଅଭିଶପ୍ତ ଜାତିର ଉଦ୍ଧାର ପାଇଁ— ଗଭୀର କୃତଜ୍ଞତା ସଙ୍ଗେ ସଙ୍ଗେ ଜନତା ଲେଟି ଯାଇଥିଲେ ସେହି ବୃଦ୍ଧ ପାଦତଳେ ।

ଯେ କୋଟି ଜନତାର ମୁହଁରେ ହସ ଫୁଟାଇ ପାରିଥିଲା— ସେହି ମହାତ୍ମାଙ୍କର ଜୀବନର ଅବସାନ ଘଟିଛି— ବଞ୍ଚିଛି ତାଙ୍କର ଏକମାତ୍ର ପୁଅ ମୋହନ । କିନ୍ତୁ ଆଜି ସେ ସର୍ବହରା କାହାପାଇଁ ?

ବଳଭଦ୍ର ଚୌଧୁରୀ— ସେ ମଣିଷ ନା ରାକ୍ଷସ ? ଯେ ହଜାର ହଜାର ଲୋକଙ୍କୁ ମରଣ ମୁହଁରୁ ଫେରାଇ ଆଣିପାରେ, ଶହ ଶହ ଟଙ୍କା ଭୋକ ଶୋଷୀଙ୍କ ପାଇଁ ଅମ୍ଳାନ ବଦନରେ ଦାନ କରିପାରେ— ମିଥ୍ୟା ମୋକଦ୍ଦମା କରି ତାଙ୍କୁ ତଳି ତଳାନ୍ତ କଲା । ଭଗବାନ ସ୍ୱର୍ଗରେ ଥାଇ ଦେଖୁଛନ୍ତି ତୁମର ଏହି ଘୃଣିତ କାର୍ଯ୍ୟ, ଅମାନୁଷିକ ଅତ୍ୟାଚାର । ଦିନ ଆସିବ— ଏହି ସର୍ବହରାଙ୍କ ଆଖି ପାଣିରେ ଭୁସୁଡ଼ି ପଡ଼ିବ ତୁମ ସୁଖ ସ୍ୱପ୍ନର ସୌଧ, କଳ୍ପନାର ଏକଚ୍ଛତ୍ର ଶାସନ । ରେ ଧନଗର୍ବୀ ଶୋଷକ ! କେତେ ଲୋକଙ୍କର ସର୍ବସ୍ୱ ନେଇଛୁ, କେତେ ଯୁବତୀଙ୍କର ସର୍ବନାଶ କରିଛୁ— ତା ବଦଳରେ ପାଇଛୁ ଅଜସ୍ର ଜନତାର ଆଖିର ତତଲା ଲୁହ, ଆଉ ଯୁବତୀଙ୍କର ଅବଲା କଣ୍ଠର ତୀବ୍ର ହଳାହଳମୟ ଅଭିଶାପ । ତାର ଫଳ ନିଶ୍ଚୟ ଭୋଗିବୁ । ସୁନାର ଲଙ୍କା ଛାରଖାର ହେଲା— ସତୀ ସୀତାଙ୍କର ଅଭିଶାପରେ । ଦୁଃଶାସନର ପ୍ରାଣନାଶ ହୋଇଥିଲା — ସତୀ ଦ୍ରୌପଦୀଙ୍କ ଅଭିଶାପରେ । ଦିନ ଆସିବ— ସେହି ଅଭିଶାପ ନିଆଁରେ ତୁ ଜଳି ପୋଡ଼ି ପାଉଁଶ

ହୋଇଯିବୁ । ଭଗବାନଙ୍କ ଦରବାରରେ ଦିନେ ତୋତେ ଏହାର କୈଫିୟତ ଦେବାକୁ ପଡ଼ିବ— ସେତେବେଳେ ଭାବିବାକୁ ସମୟ ନ ଥିବ— ଫାଙ୍କିବାକୁ ସାହସ ନ ଥିବ— ବର୍ତ୍ତମାନ ସୁଦ୍ଧା ସମୟ ଅଛି । ଅତୀତର କଳା କର୍ମ ପାଇଁ ପ୍ରାୟଶ୍ଚିତ୍ତ କରି ଆଗେଇ ଆସ ମା' ଭଉଣୀ ଭାଇଙ୍କ ପାଖକୁ । ହସ ହସ ମୁହଁରେ ପାଛୋଟି ନେଇଯିବେ ତାଙ୍କର କଳ୍ପିତ ଗଣ ରାଜ୍ୟକୁ । ଯେଉଁଠି ଉଚ୍ଚ ନୀଚ ଗରିବ ତାଲବରର ସ୍ୱତନ୍ତ୍ୱ ନାହିଁ । ଅଛି— ଭାଇ ପ୍ରତି ଭାଇର ସ୍ନେହ, ଜାତି ପ୍ରତି ବ୍ୟକ୍ତିର ମମତା, ମା' ପ୍ରତି ପୁଅର ଅକଳନ୍ତା ଭକ୍ତି । ଦେଶ ହସି ଉଠିବ, ଜାତି ଆଗେଇ ଯିବ— ତାର କର୍ମପଥକୁ ଶ୍ରାବଣର ଚଲ୍ଲ ବଉଦ ପରି । ସେଇଥିରେହିଁ ମିଳିବ ନନ୍ଦନ କାନନର ସୁଖ ।

## ଟନି

ବଳଭଦ୍ର ଚୌଧୁରୀଙ୍କୁ ଆଖପାଖ ପାଞ୍ଚଖଣ୍ଡ ମୌଜାର କିଏ ନ ଜାଣେ — ଠାଉଠଉରୀ, ଧପ୍ପାବାଜି, ମାମଲତକାରୀଆ ବୁଦ୍ଧିରେ ଚୌଧୁରୀଙ୍କର ବେଶ୍ ଦକ୍ଷତା ଅଛି । କାହାକୁ ପାଞ୍ଚଟଙ୍କା ଦେଇ ପଚିଶ ଟଙ୍କା ଆଦାୟ କରୁଛନ୍ତି । କାହାକୁ ଧାନ ବସ୍ତାଏ ଦେଇ ଘର ଭିଡ଼ି ଖଣ୍ଡିକ ନେଇଛନ୍ତି, ଆଉ କାହାକୁ କୋର୍ଟ କଚେରୀ ଦଉଡ଼େଇ ସର୍ବସ୍ୱାନ୍ତ କରୁଛନ୍ତି । ମଳିମୁଣ୍ଡିଆ ମଫସଲିଆ ଅଶିକ୍ଷିତ ଲୋକେ ଆଖି ବୁଜି ସବୁ ସହୁଛନ୍ତି— ପ୍ରତିବାଦ ତ ଦୂରର କଥା— ଜୋର କରି କଥା ପଦେ ବି କହିବାକୁ ସେମାନଙ୍କର ସାହସ ହୁଏ ନାହିଁ । ନାରାୟଣଙ୍କ ପରି ଲୋକ ତ ଚୌଧୁରୀଙ୍କ ସହିତ ତାଳ ପକେଇ ପାରିଲା ନାହିଁ । ଆଉ ଏମାନେ— ଏମାନେ ଜାଣନ୍ତି ଧର୍ମକୁ ସାକ୍ଷୀ

ରଖି ଅଖିରୁ ଧ'ଙ୍କୋପା ଲୁହ ଗଡ଼ାଇବାକୁ, କର୍ମକୁ ଆଦର ଘରେ କୋଣରେ ପଡ଼ି ସଢ଼ି ମରିବାକୁ ।

କଲ୍ୟାଣୀ ସବୁ ଦେଖନ୍ତି, ସବୁ ଶୁଣନ୍ତି, ଏ ଅଭିଶପ୍ତ ଜାତିଙ୍କ ପାଇଁ ସ୍ୱାମୀଙ୍କ ପାଖରେ କେତେ ଅଳି କରନ୍ତି— କିନ୍ତୁ ଫଳ କିଛି ହୁଏ ହୁଏ ନାହିଁ । କଲ୍ୟାଣୀଙ୍କର କହିବା ଓ ତାଙ୍କର ଶୁଣିବା ସାରହୁଏ । ଓଲଟି କହନ୍ତି କଲ୍ୟାଣୀ ! ତୁମେ ଏ ସବୁକଥା କିଛି ବୁଝିପାରିବ ନାହିଁ । ଏମାନଙ୍କୁ ଏପରି ଭାବେ ଶାସନ ନ କଲେ ଶେଷରେ ଏମାନେ ମୁଣ୍ଡ ଉପରେ ଚଢ଼ିବେ । ମଣିଷକୁ ଖାତିର କରିବେ ନାହିଁ, ବୁଝିଲ !

କଲ୍ୟାଣୀ ସବୁ ଶୁଣନ୍ତି, ସ୍ୱାମୀଙ୍କର ଏ ଅନ୍ୟାୟ ଅତ୍ୟାଚାର ପାଇଁ ଠାକୁରଙ୍କ ପାଖରେ କେତେ ମିନତି କରନ୍ତି । ଠାକୁରେ ! ସ୍ୱାମୀଙ୍କର ସବୁ ଅପରାଧ କ୍ଷମାକର— ପ୍ରଭୁ, ସଦ୍‌ବୁଦ୍ଧି ଦିଅ ।

କିନ୍ତୁ ଆଜି ଠାକୁରଙ୍କ ପାଖରେ କେହି ମିନତି କରୁନାହିଁ— ସ୍ୱାମୀଙ୍କ ପାଖରେ କେହି ଅଳି କରୁନାହିଁ । ଆଜକୁ ବର୍ଷେ ହେବ କଲ୍ୟାଣୀ ଘରର ସମସ୍ତ ମାୟା ମମତା ତୁଟାଇ ଆର ପୁରକୁ ଚାଲି ଯାଇଛନ୍ତି । ଯେଉଁଠିକି ମଣିଷ ଗଲେ ଆଉ ଫେରେ ନାହିଁ, ତାଙ୍କର ଚିନ୍ତାରେ ଚୌଧୁରୀଙ୍କ ଅଣ୍ଟା ଭାଙ୍ଗି ଯାଇଛି । ପୁଣି ଥରେ ସଂସାର କରିବାକୁ ସେ ବ୍ୟସ୍ତ ହୋଇ ପଡ଼ିଛନ୍ତି । ବହୁତ ବୁଲାବୁଲି ପରେ ଶେଷରେ ମଧୁ ଦାସଙ୍କ ଝିଅ ହେମ କଥା ସାର ହୋଇଛି । ଘର ଅଗଣାରେ ଖଟ ଖଣ୍ଡିଏ ପକେଇ ବସିଛନ୍ତି ଚୌଧୁରୀ ସା'ନ୍ତେ, ପାଖରେ ମଧୁ ଦାସ ବୁଢ଼ା— ମନରେ ଭାବନାର ଛାୟା, ତାଙ୍କର ଏ ପ୍ରକାର ପରିସ୍ଥିତି ଦେଖି ଚୌଧୁରୀ ସାନ୍ତ୍ୱନା ଦେଇ କହିଲେ— "ପରକଥା କାହିଁକି ଶୁଣୁଛ ଦାସେ । ଆମ ଆମ ଭିତର କଥା, ପରକୁ କହି ଭଲ ଲାଭ କ'ଣ ? କିଏ କ'ଣ ଦେବେ ନା ନେବେ । ଓଲଟି କିଏ କେତେ ରକମ କଥା କହିବେ । ଯୁଗ ତ ଦେଖୁଛ— ଶାଗ ଖିଆକୁ

ପେଟଖିଆ ଦେଖିପାରୁ ନାହାନ୍ତି, କହିବ ବା କିଏ— ବଳଭଦ୍ର ଚୌଧୁରୀ ଘରକଥା – କହିବାକୁ ପୁଅ ଅଛି କିଏ ? ଯିଏ ବା କହିବ ତା ସବଂଶ ଉଠେଇ ନ ଦେଇଛି ଯଦି··· ସେ ବିଷୟ କିଛି ଚିନ୍ତା କର ନାହିଁ । ମୁଁ ସବୁ ଅଛି, ତୁମେ ଛୁଟି ଦମ୍ଭକରି ବସ, ଦେଖିବା କେଉଁ ପାଣି କୁଆଡ଼େ ଯାଉଛି ।

ମୁଁ କଣ ସେ ଆଡ଼କୁ ନଜର ଦେଇଛିକି ? ହେଲେ ଆମ ହେମ ବଉ କଥା ତ ଜାଣିଥିବ, ସେ ଟିକିଏ ଟିକିଏ ଅମଙ୍ଗ ହେଉଛି, ସେ କାହିଁକି ବା ହୁଅନ୍ତା— ଦ' ଚାରିଟା ମାଇପେ ବସି ଗଲେ ତ ଚାଲିଲା ସଭା, ସେଇଠି ବୋଧେ କେହି କିଛି କହି ପକେଇଛନ୍ତି କି କଣ । ସେଇଥିରୁ ଟିକିଏ ବିଗିଡ଼ି ଯାଉଛି ।

ହେଲେ ତାଙ୍କୁ ଟିକେ ଲୋଭ ଦେଖେଇ ଦିଅ ଦାସେ । ତୁମ ଆମ ଭିତରେ ଯେଉଁ ସମ୍ବନ୍ଧଟା ହେବାକୁ ଯାଉଛି ସେ ତ କିଛି ଦିନ ଅଧିକ ପାଇଁ ନୁହେଁ— ପୁରୁଷ ପୁରୁଷ ଧରି ଚାଲିବ । ତୁମକୁ ମୁଁ ଟିକିଏବି ଅବିଶ୍ୱାସ କରିପାରୁ ନାହିଁ, କାହିଁକି ଜାଣ ? ଜବାବଟା ବଡ଼ କଥା କିନା । ଧନ ତ ଆଜି ଅଛି କାଲି ଚାଲିଯିବ । କିନ୍ତୁ ମରଦ ପୁଅର ଜବାବ— ଦାନ୍ତ ଭାଙ୍ଗି ଯିବ ପଛେ ପଣ ଭାଙ୍ଗିବ ନାହିଁ । ମୁ କଣି କମ୍ ହୁସିଆର୍ । କାଣ୍ଡିଆ କଥା ଶୁଣୁଛି – ହେଲେ ସାଙ୍ଗେ ସାଙ୍ଗେ ତୁମକୁ ଡ଼ାକି ପଠଉଛି । କହୋ ! ପଚାରିବ ନାହିଁ କାହିଁକି ? ଘର କଥା, ବଳେଇ ଯାଉଛି ଯେ ଏତେ ଉଚ୍ଛନ୍ନ ହେବ । ସେଦିନ ସେମିତି ଆମ ଫକୀର କେଉଁଠୁ ଶୁଣିଲା ଯେ— ତମ ଝିଅ ହେମ କାଲେ ରାଜି ହେଉନି । ଏ କଥା ତ କସ୍ମିନ୍ କାଲେ ହୋଇ ପାରିବ ନାହିଁ । ପୃଥିବୀ ପଛକେ ଓଲଟି ଯିବ, ମଧୁ ଦାସଙ୍କ କଥା ବିଗିଡ଼ିବ ? ତା ହେଲେ ଆଉ ପୁଅ ଅଛି କିଏ ଏ ଗାଁରେ — ହଉ ! ହଉ ! ଆରେ ରାମା ! ରାମା ! ରାମାରେ —

"ଆଜ୍ଞା"

ଅରେ ନୁଇଖଣ୍ଡ ପାନ ଅଣିବୃତ ! କୁହ ନାହ୍ନ ଦାସେ, ଧନ ନାହିଁ, ଖତ ନାହିଁ, ଯେତେ ପଢ଼େଇଲି ଫଳ କିଛି ନ ପାଇଲେ ଗଲା ! ଦେଖୁ ନାହଁ — କେହୁ ଘରକୁ ଆସିଲେ ତାକୁ ପାଣି ମୁନ୍ଦେ କି ପାନ ଖଣ୍ଡେ କି ବଟଣା ଖଣ୍ଡେ ଦେଲେ ହୁଅନ୍ତା ନାହିଁ ? ଅରେ ଧନ ତ ମୋର ସରବ, ତୁମର ଏତେ ଆପତ୍ତି କାହିଁକି ? ଶଳା ବୋକା ଢ଼'ଠା ମୋ କପାଳକୁ ଯୁଟିଛନ୍ତି ଯେ— ସବୁ କଥାରେ ମଣିଷ ଅପଦସ୍ତ ।

ହଉ ! ମୁଁ ଆଜ୍ଞା ଯାଉଛି ଚୌଧୁରୀ ପୁଅ, ସୁବଧା ଦେଖି ପୁଣି ଥରେ ଆସିବ । ଗିହ୍ନାକପ, କୁଆଡ଼କୁ ଡ଼ରବୁ । ମାଇପକୁ ଡ଼ରବୁ — ମାଁ କ'ଣ କରବୁ । ପୁଣି କାଲି ମାଣିଆଁ ଚକ ବିଲ ଦୁଇମାଣ ଗୋଟେ କୋରକ୍ ଆସିଥିଲା ଯେ— ଠଙ୍କା ଦୁଇଟା ଲଗି ବୁଲି ବୁଲି ନାକେଦମ୍ ହୋଇଗଲି । ଶେଷରେ ସାମୁଲ ଘରୁ , ଏ ବର୍ଷା ଅନ୍ଧାରରେ ଯାଇ କୋଡ଼ିଏଟି ଠଙ୍କା ଆଣି ପିଅଦାକୁ ବିଦା କଲି ।

କହୋ ଦାସେ ! ଏତ ମାଡ଼ ମାରବା କଥା ହେଲା । କହୋ, ଘର ଦ୍ୱାର ତ ତୁମର, ଯେତେବେଳେ ଯାହା ଅଭାବ ଭାବ ନେଇଗଲେ ହେବନି ! ଓଃ, ତୁମେ ଯଦ ନ ନେଇ ପାରବ— ମୁଲିଆ ଧନଆଁକୁ ପଠେଇ ଦେଲେ ହେବ ନାହିଁ । ଘରେ ଧନ ଥାଇଁ ଥାଇଁ ବାରଦ୍ୱାରକୁ ଯିବ କାହିଁକି ? ବୁଢ଼ିଲି ଝିଅ ଦେଇ ପୁଅ କରବାକୁ ବସିଛ — ବସିଛ କଣ ହେ, ହବା ଉପରେ, ସେଥିରେ ପୁଣି ଇମିତ କଥା କାନ ଶୁଣିବ ? ସାମ୍ ! ସାମ୍ ! ମୋତେ ଟିକିଏ ଆଗରୁ ଶୁଣାଇଥିଲେ ଫକୀର ହାତରେ ପଠେଇ ଦେଇ ନ ଥାନ୍ତି ?

ହ, ଯାହା କହିଲ ମାନୁଛି, କିନ୍ତୁ ସମ୍ବନ୍ଧଟା ନ ହୋଇ ସାରବା ପର୍ଯ୍ୟନ୍ତ ତୁମ ଧନ ନେଇ ଖାଇବା, ଏଟା ତ ଭଲ କଥା ନୁହେଁ । ପଛକୁ ଯଦ ନ ହେଲା, ଯଦ କୁଆଡ଼ୁ କିଛି ଟିକିଏ ଅଧେ ବିଗିଡ଼ ଗଲା, ପାଞ୍ଚମନ — ପଚାଶ ପ୍ରକୃତ କଥା ତ, ତେବେ କ'ଣ ତୁମର

ଧାରୁଆ ହେବ ? ନାଁ, ନାଁ, ଦବାନବା କଥା ତ ଦିନେ, ଅଧିକା
ବଚନ ପଦକ ଅସଲ । ଏଇ ବଚନରେ ବିଷ ଅଛି, ଏଇ ବଚନରେ ବି
ଅମୃତ ଅଛି ।

ହଁ, ସେ ତ ଠିକ୍ କଥା । ତେବେ ସମ୍ବନ୍ଧଟା ଲାଗୁଛି ତ ଲାଗୁ । ଏତେ
ତର ତର କଲେ କ'ଣ ହେବ । ଏଇଖିଣିକା ମୁଁ ତୁମକୁ ଯାଚୁଛି,
ତୁମେ ନେଉ ନାହଁ, ପରେ ବେଳ ଆସିବ— ଆପେ ଆପେ ଆସି
ସବୁକଥା ବୁଝିବ, ସୁଝିବ, ଦବାନବା କରିବ ।

ହେଉ, ସେ ତ ପଛକଥା, ତେବେ କଥାଟାକୁ ଠିକିଏ ବୁଝି ସମୁଝି
ପକ୍କା କରି ଦେଇଥିବ— ଯେପରି ହଲ୍‌ଚଲ୍ ନ ହୁଏ । ବୁଝିଲ !
ଯଦି ଟଙ୍କା ପଇସା କିଛି ଚାହିଁବ, ଆମେ ବି ଦବା, ତୁମକୁ କ'ଣ
ଅବିଶ୍ୱାସ ଅଛି । ନାଁ, ନାଁ ସେ ବିଷୟରେ ଲଜ୍ଜା କରିବାର କିଛି
ନାହିଁ । ଦୁଇଶ ପଞ୍ଚୁ ଚାରିଶ ପଞ୍ଚୁ ରାତି ଅଧରେ ଚାଲି ଆସିଲେ ସୁଦ୍ଧା
ମୁଁ ଦେଇ ଦେବି । ସବୁବେଳେ ତୁମରି ଘର କଥା ଭାବୁଛି । ତୁମେ
ମୋ କଥାକୁ ମିଛ ମଣିବ, ସେଦିନ ଫକୀର ପାଖରେ ସବୁକଥା
କହୁଥିଲି— ସତ କି ମିଛ, ପଚାରି ବୁଝ, ତୁମ ଘର ଉପରେ ମୋର
ଗୋଟେ ମାୟା ଲାଗି ଗଲାଣି ପରା ।

ସେଇକଥା ପରା ମୁଁ ଦିନରାତି ଭଗବାନଙ୍କୁ ଡାକୁଛି— କିମିତ
ଚଞ୍ଚଳ କାମଟା ବଢିଯାଉ ।

ତୁମ ତୁଣ୍ଡ ସୁତୁଣ୍ଡ ହେଉ ଦାସେ ! ସେଥିପାଇଁ ଚିନ୍ତା କର ନାହିଁ !
ସେ ତ ପ୍ରଜାପତି ଘଟସୃଷ୍ଟି, ମନୁଷ୍ୟର ବା ଚାରା କଣ ! ହେଲେ
ଶୀଘ୍ର ଶୀଘ୍ର କାମଟାକୁ ସାରିଦେଲେ ଭଲ ହୁଅନ୍ତା । ତୁମେ ବି ଟିକିଏ
ଶାନ୍ତି ପାଆନ୍ତ, ମୁଁ ବି ଗୋଟେ ଧନ୍ଦାରୁ ପାର ପା'ନ୍ତି ।

ଦେଖ, ଈଶ୍ୱର ବଡ଼ଲୋକ କଣ କରୁଛନ୍ତି । ଆଗବଢ଼ିଆ କଥାଟା
କହିବା କିଛି ଭଲ ନୁହେଁ । ହଉ, ତେବେ ମୁଁ ଯାଉଛି ।

ଅଚ୍ଛା ଯାଅ, କିନ୍ତୁ ମୋ କଥାଟାକୁ ଗୁରୁଜ୍ଞାନ କରିଥିବ— ପର

କଥାରେ କାନ ନ ଦେଲେ ହେଲା । ପର କହୁ ଦେବେ— କିନ୍ତୁ ଦରକାର ବେଳେ କେହୁ ପାଖକୁ ଆସିବେ ନାହିଁ । ବୁଝି ସମୁଝି କାମ କଲେ ହେଲା— କାଦୁଅକୁ ଯିବା କାହିଁକି ନା— ଗୋଡ଼ ଧୋଇବା କାହିଁକି ? କହୁ କୁହାଳି ଯେଉଁ। ଘରକୁ ଯେଉଁ। ଯିବେ— କିନ୍ତୁ ମୁଣ୍ଡ ଦେଖେଇବା ପୁଅ କିଏ ?

ଆଚ୍ଛା ହେଉ ! ଦେଖା ଯାଉ କଣ ହେଉଛି— କହୁ କହୁ ମଧୁ ଦାସେ ଉଠି ଚାଲିଗଲେ । ତାଙ୍କ ପଛେ ପଛେ ଫକୀର୍ ମୁଣ୍ଡ କୁଣ୍ଡେଇ କୁଣ୍ଡେଇ ଆସି ପହଞ୍ଚିଲା । ଚୌଧୁରୀଙ୍କ ପାଖରେ ଭଲଲୋକ ଦେଖେଇ କହିଲା— ମୁଁ ସେଦିନ କହୁ ନଥିଲି ସାନ୍ତେ— ବୁଢ଼ା କଥା ନପଚାଉଅ । କିନ୍ତୁ ଅସଲ ହେଉଛି ବୁଢ଼ି । ସେ ତ ଏକବାର ନାଁ ଶୁଣିଲାକ୍ଷଣି ନାଚି ଯାଉଛି— ଛୁଆଲେ ଏ ଚାଳିଶ ବର୍ଷର ବୁଢ଼ା ବରକୁ— ମୋ ଲକ୍ଷ୍ମୀ ଠାକୁରାଣୀ ପରି ଝିଅକୁ ଦେବ୍ । ତଣ୍ଟି ଚିପି ନଈକୁ ପକେଇ ଦେଲେ କ'ଣ ହେଲା କି ?

ହଉ ! ହଉ ! ଆରେ ଫକୀର— ଏଇଆ ତ କହୁଛି— ହେଲେ ବୁଢ଼ାକୁ ମୁଁ ଆଜି ପେଉଁ ପଦ ପକେଇ ଦେଇଛି— ତାର ଫଳ କ'ଣ ହେଉଛୁ ଦେଖ । ଆରେ ଧନ ଥିଲେ ମୋତେ କଣ କନିଆ ମିଳିବେ ନାହିଁ । ବୟସ ଟିକିଏ ବେଶି ହୋଇ ଯାଇଛି— ସେଥିରେ ଯାଏ ଆସେ କଣ ? ତୋ ସାନ୍ତାଣି ସିନା ମରିଗଲା— ହେଲେ ତା ଜୀବନରେ କମ ସୁଖ କରିଛି ସେ । କିରେ— ତୁ ତ ଆଖି ଆଗରେ ସବୁ ଦେଖିଛୁ । କ'ଣ ଊଣା ଅଛି କହିଲୁ— ଧନ ଧାନ୍ୟ ଗୋପ ଲକ୍ଷ୍ମୀ କେଉଁଥିରେ ଊଣା— ଭଗବାନ ତ ମୋତେ କେଉଁଥିରେ କିଛି ଊଣା କରି ନାହାନ୍ତି । ଏତେ ଚିନ୍ତା କଣ ? ମଧୁ ଦାସ ଜବାବ ଦେଇଛି— ଝିଅ ନ ଦେବ— ହେଲେ ତା ନାକନିଶ ଯଦି ତଳେ ପକେଇ ନ ଦେଇଛି— ମୁଁ ବଳଭଦ୍ର ଚୌଧୁରୀ ନୁହେଁ । ବୁଝିଲୁ ଫକୀର ! ଏ ତ କିଛି ପିଲା ଖେଳଘର କଥା ନୁହେଁ । ତୁ ଟିକିଏ

ଭିତରେ ଭିତରେ ବୁଢିକୁ ବୁଝେଇ ଦେଇ ଥାଅ । ମାଇପି ମନ— ନିଶ୍ଚୟ ଦିନେ ନାଁ ଦିନେ ବଦଳି ଯିବ । କଥାରେ ଅଛି— 'ସାତ କଥାରେ ସତ୍ୟ ଭୁଲେ' । ବୁଝିଲୁ ! ତୋତେ ଆଉ ଅଧିକ କଣ କହିବି ।

ମୁଁ ତ ସବୁବେଳେ ଲଗିଛି ସାନ୍ତେ, ଦେଖାଯାଉ କ'ଣ ହେଉଛି । ହେଉ, ମନ ଦେଇଥାରେ ଫକୀର ! ଫଳ ପାଇବୁ ଯେ ......

# ଚାରି

ମଧୁ ଦାସଙ୍କ ଘର । ମୁଣ୍ଡରେ ହାତ ଦେଇ ବସିଛନ୍ତି ମଧୁ ଦାସ । ଯାହାକୁ ପାଠ ଶାଠ ପଢ଼େଇ ମଣିଷ କରିଥିଲେ ସେ ଆଜି ଘରଛାଡ଼ି ଚାଲି ଯାଇଛି । ରୋଜଗାରିଆ ପୁଅ, ବାପାଙ୍କୁ ପୋଷୁଥାନ୍ତା । ପାଞ୍ଚଲୋକ ଖାତିର କରୁଥାନ୍ତେ— ସେ କଥା ଆଜି ନାହିଁ, ବାପ ମା'ଙ୍କୁ ଦିନରାତି କନ୍ଦେଇ କନ୍ଦେଇ ଚାଲି ଯାଇଛି— କେଉଁ ଆଡ଼େ ବିଜୟ । ବିଜୟ ମଧୁ ଦାସଙ୍କ ପୁଅ । ସେ ପାଠଶାଠ ଖୁବ୍ ପଢ଼ିଛି, କଲେଜ ମାଡ଼ିଛି, ଆଧୁନିକ ଶିକ୍ଷିତ, ସାମାନ୍ୟ ଟିକିଏ କଥାରେ ଦାସେ ପୁଅକୁ ଦୁଇଚାରି ପଦ କଡ଼ା କଥା କହି ଦେଇଥିଲେ— ସେଇଥିପାଇଁ ବିଜୟ ରାଗି ଘରୁ ଚାଲି ଯାଇଛି— ଆଜକୁ ତିନି ବରଷ ହେବ । କେଉଁଠି ଅଛି, କିପରି ଅଛି ଏ ବିଷୟରେ ଦିନେ ଭୁଲ୍‌ରେ ସୁଦ୍ଧା ଚିଠି ଖଣ୍ଡେ ଦେଇ ନାହିଁ ଘରକୁ । ବୁଢ଼ା ଚାରିଆଡ଼େ କେତେ ଖୋଜିଲେ— କଟକ କଲିକତାକୁ ଟଙ୍କା ଖରଚ କରି ଲୋକ ପଠାଇଲେ— ସବୁ ବିଫଳ ହେଲା । କେହି ବିଜୟର କୌଣସି ସନ୍ଧାନ ଦେଇ ପାରିଲେ ନାହିଁ । ଖାଲି ପଇସା ଖର୍ଚ୍ଚ ହେବା ସାର ହେଲା । ବୁଢ଼ା ନ ଖାଇ ନ ପିଇ

ପାଗଲଙ୍କ ପରି ହେଲେ, ବୁଢ଼ି କାନ୍ଦି କାନ୍ଦି ମୁଣ୍ଡ ପିଟି ମୂର୍ଚ୍ଛା ହୋଇଗଲେ । ଶେଷରେ ଗାଁର କେତେ ଲୋକ ବୁଝାସୁଝା କରିବାରୁ ବୁଢ଼ାବୁଢ଼ି ଟିକିଏ ତୁନି ହେଲେ । ଧାନେଇ ମଲିକ କହିଲା— ମଧୁଭାଇ ! ରଜସ୍ବ ତ ଆଉ ଛୁଆପିଲା ନୁହେଁ ଯେ ତା ପାଇଁ ଏମିତି ବ୍ୟସ୍ତ ହେଉଛ । ସେ ଇଂରାଜୀ ପାଠ କେତେ କେଜାଣି ପଢ଼ିଛି, ଲହମ୍ବର ଦେଖି ସବୁଆଡ଼େ ଯାଇ ପାରିବ— ସେ ତ କେଉଁଠି ହଜି ଯିବ ନାହିଁ । ଆଜି ରାଗି ଘରୁ ଚାଲି ଯାଇଛି, ଆଠ ଦଶ ଦିନ ପରେ ମନ ବଦଳି ଗଲେ ଆପେ ଆପେ ଫେରିଆସିବ— ସେଥିପାଇଁ ଏତେ କାତର ହେଉଛ କାହିଁକି ? ତୁମେ ବୁଝିଲା ସୁଝିଲା ଲୋକ ହୋଇ ଯଦି ଏମିତି ହେବ— ତା ହେଲେ ଆଉ କିଏ କ'ଣ ନ ହେବ କହିଲ ? ଏଇପରି ଚାରିଲୋକ ବୁଢ଼ାବୁଢ଼ିଙ୍କୁ ଚାରି କଥା କହି ବୁଝେଇ ସୁଝେଇ ଟିକିଏ ଥମେଇଲେ । କିନ୍ତୁ ମା' ମନ ବୁଝେ କେତେବେଳେ ? ଦିନ ରାତି କାନ୍ଦି କାନ୍ଦି ନ ଖାଇ ନ ପିଇ କେତେ ଦିଅଁ ଦେବତାଙ୍କୁ ଡାକିଲେ । ଦିଅଁ ଦେବତା ବି ତାଙ୍କ ଡାକ ଶୁଣିଲେ ନାହିଁ— ଏତିକି ବେଳେ ସବୁ ପଥର ପାଲଟି ଗଲେ । ବୁଢ଼ି କର୍ମକୁ ଆଦରି ସେହି ଭଗବାନଙ୍କ ଉପରେ ଭରସା ରଖି ତୁନି ହେଲେ । କେହି ଜଣେ କଲିକତାରୁ ଆସିଲେ ବୁଢ଼ାବୁଢ଼ି ଆଗେ ଯାଇଁ ପଚାରି ବସନ୍ତି— ପୁଅ କଥା । ହେମ ମଧ ଭାଇ କଥା କେତେ ପଚାରେ । କିନ୍ତୁ କେହି ତାଙ୍କ ଦୁଃଖ ବୁଝି ପାରନ୍ତି ନାହିଁ— କିଏ କହେ ତାକୁ ଦେଖିନାହିଁ, କିଏ କହେ ଖୋଜି ଖୋଜି ପାଇଲି ନାହିଁ, ଇତ୍ୟାଦି ଇତ୍ୟାଦି । ନିରାଶ ହୋଇ ଛଳ ଛଳ ଆଖିରେ ଦୁଇପ୍ରାଣୀ ଘରକୁ ଫେରନ୍ତି । ଏଣେ ପୁଅ ଚିନ୍ତା, ତେଣେ ଝିଅ ପାଇଁ ଦିନରାତି ଚିନ୍ତା କରି କରି ବୁଢ଼ା ଦୋହଲିଲାଣି । ସେଦିନ ହେମ ଜଗପୁରରେ ବଳଭଦ୍ର ଚୌଧୁରୀଙ୍କୁ ଜବାବ ଦେଇ ଆସିଲେ— ହେଲେ ବୁଢ଼ି ସେଥିରେ ନାରାଜ । ଦୁଇ ନାଆରେ ଗୋଡ଼ ଦେଇ ବୁଢ଼ା ମଝି ନଈରେ ପଡ଼ି ହନ୍ତସନ୍ତ ହେଉଛି

ସେଦିନ ବଳଭଦ୍ର ଚୌଧୁରୀଙ୍କ ସହିତ ହେମର ବାହାଘର କଥା କହି ବସିଲାରୁ ବୁଢ଼ି ପ୍ରଥମରେ ଭାନ ବସେଇ ଦେଲେ । ବୁଢ଼ାଙ୍କ ପାଟି ଅପେ ଆପେ ଚୁପ୍ ହୋଇଗଲା । ତେବେ ଉପାୟ କଣ ? ବାହାଘରଟା ଭାଙ୍ଗି ଦେଲେ ତାଙ୍କ ଅବସ୍ଥା କ'ଣ ହେବ— ସେ କଣ ଚୌଧୁରୀଙ୍କୁ ଫାଙ୍କି ଦେଇ ଏ ଗାଁରେ ଚଳି ପାରିବ ! ଘର କରି ରହି ପାରିବ !! ଅସମ୍ଭବ— ରଜାର ପଦେ ହେଲେ ଚୌଧୁରୀଙ୍କର ପଦେ— କଣ୍ଠା ଖିଆ ମଣିଷ ସେ, ତା କଥା ଯଦି ବଗିଡ଼ିଯାଏ ତେବେ ନିଜ ଅବସ୍ଥା କ'ଣ ହେବ ? କେତେବେଳେ ସେ କ'ଣ କରିବ— କିଛି ଭାବି ହେଉ ନାହିଁ । ଭଗବାନ କାହିଁକି ଏତେ ହଟହଟା କରୁଛନ୍ତି କେଜାଣି ।

ବୁଢ଼ା କଅଁଳେଇ ଡାକିଲା— ହେମ ବଉ !

କ'ଣ ମ ? ହେମ ବଉ ବିରକ୍ତ ହୋଇ କହିଲେ ।

ଆରେ ଟିକିଏ ଇଆଡ଼କୁ ଆସ କହୁଛି, ସବୁବେଳେ ମୋ ଉପରେ ଏମିତି ରଗ୍ ରଗ୍ ତମ୍ ତମ୍ କାହିଁକି ହଉଛ କହିଲ ? ମୋ ଅବସ୍ଥା କ'ଣ ତୁମକୁ କିଛି ଜଣା ପଡୁ ନାହିଁ । ଟିକିଏ ଶୁଣ ।

ନ ବୃଦ୍ଧି ନ ସୁଦ୍ଧି ଦୋଷ ଦେବ କାହିଁ କହୁଛି— ବୁଦ୍ଧି ସୁଦ୍ଧି ଦୋଷ ଦେବ ଯେ— ମୁଁ କାଇଲ୍ ମାନିବ ।

ସତେ ହେମ ବଉ ! ବାହାଘରଟା କ'ଣ ଭାଙ୍ଗି ଦେବା— କଥାଟାକୁ ଟିକେ ଚିନ୍ତା କରି ଦେଖ । ଦଣ୍ଡିକାଣ୍ଡି ମାଛ ପରି ଜଳରେ ଉପରେ ଭାସି ଯାଅ ନାହିଁ । ଏ ତ କିଛି ଖେଳଘର କଥା ନୁହେଁ । ଯା' ନାଁ ଶୁଣିଲେ ଗର୍ଭିଣୀ ଗାଈ ବାଠ ଛାଡ଼ି ଦେଉଛି— ଲୋକେ ଥରହର କମ୍ପୁଛନ୍ତି— ଗାଁର ଏତେ ବଡ଼ ମାମଲତକାର । ତା'ର କଥା, ଏ ସୁଯୋଗ ଛାଡ଼ିବାର ନୁହେଁ ବାବୁ— କେଉଁଥିରେ ଜଣା କହିଲ— ନାଁ ଜମି, ନାଁ ବାଡ଼ି କେଉଁଥିରେ ଊଣା ।

ହେମ ବଉ ରାଗରେ ଗର୍ଜି ଉଠିଲେ । କହିଲେ— ତୁମେ ଘାସ ବୁଢ଼ାଟିଏ ହେଲଣି, ତମର ତ ଟିକିଏ ଅକଲ ଥିବ, ସୁଲକ୍ଷ କର୍ଣ୍ଣର

ବୁଢ଼ା ବରକୁ ଷୋଳ ବର୍ଷର ଯୁବତୀ ଝିଅ— ବାପ ଝିଅ ଗଣ୍ଡି ଦେଖା ଦିବେ । ତୁମ ମନକୁ ପାଉଛି ତ ? ତତେ ଯଦି ଦଶମାସ ଦଶଦିନ ଗର୍ଭରେ ଧରି ଜନମ କରିଥାନ୍ତି— ଏ କଥା ତୁମ ତୁଣ୍ଡରେ ଟେଲିଉଠି ନ ଥାନ୍ତା । ନ'ଟା ନୁହେଁ କି ଛ'ଟା ନୁହେଁ—ଗୋଟେ ବୋଲି ଝିଅ ତାକୁ ଏତେ ସୁଖରେ ରଖିବାକୁ କହୁଛ ?

ଆରେ— ସୁଖ ପାଇବ ନାହିଁ ତ କ'ଣ ଦୁଃଖ ପାଇବ ? କ'ଣ ଅଭାବ କୁହ— ସେଇ କଥାଟା କହିଲେ ସିନା ମୁଁ ବୁଝିବି ।

ତୁମେ ଆହୁରି ବୁଝି ପାରୁନାହଁ ? ଯାହାକୁ ନେଇ ଘର କରିବ— ସେଇ କଥା ଭାବ— କେତେ ଧନ ସୁଖ ସମ୍ପଦରେ ଭାସିଯିବ କହିଲ ? ଧନ ଆଜି ଅଛି— କାଲି ନ ଥିବ, ସେତେବେଳେ ଝିଅ ମୋର କି ଦୁର୍ଦ୍ଦଶା ନ ହେବ— ସେ କଥାକୁ ଟିକିଏ ଭାବି ଚିନ୍ତି କଥା କୁହ । ଆମେ ବାପ ମା' କଂସେଇ ହାତରେ ଝିଅକୁ ଟେକି ଦେବା ଅପେକ୍ଷା ବିଷ ଦେଇ ମାରି ଦେଲେ ତ ଭଲ ହୁଅନ୍ତା । ହେମ ବଉଙ୍କ ଆଖିରେ ଲୁହ ଜକେଇ ଆସିଲା— ସେ ଥର ଥର ଗଳାରେ କହିଲେ···

ତୁମେ ମୋତେ ପାଗଳୀ କରି ଦେବ ଦେଖୁଛି— ତମକୁ ମୋ ରାଣ, ସେ ନାମରେ ହାତ ଦିଅ ନାହିଁ— ଆଜି ଯଦି ମୋ ଝିଅ ଥାନ୍ତା— ମୋ କାନ କ'ଣ ଏଇଆ ଶୁଣିଥାନ୍ତା । କହୁ କହୁ କାହିଁ କହିଁ ହୋଇ କାନ୍ଦି ପକାଇଲେ ହେମ ବୋଉ ।

ବନ୍ଦ କର ! ବନ୍ଦ କର ହେମ ବଉ ! ସେ କଥା ମନେ ପକାଅ ନାହିଁ— ମୋ ଛାତି ଭିତରଟା ଖାଲି କୋର ହୋଇ ଯାଉଛି । ଝିଅ— ସେ ଆମର କେହି ନୁହେଁ— ହେମ ବଉ ! ସେ ଆମର ପୁଅ ହୋଇଥିଲେ ଏ ବୁଢ଼ା ବୟସରେ କ'ଣ ଆମର ଦୁର୍ଦ୍ଦଶା ଅବସ୍ଥା ଘୁଞ୍ଚି ନ ଥାନ୍ତା । ଏ ବୟସରେ ହାଡ଼ଭଙ୍ଗା ଖଟିଣୀ ଖଟି ଉପାର୍ଜ୍ଜନ କରି ମରୁଥାନ୍ତି— ପୁଅ ହୋଇ ବାପ ସାଙ୍ଗରେ ଶତ୍ରୁତା କରୁଥାନ୍ତା କପାଳ କଥା ହେମ ବଉ, କପାଳ କଥା ! ମୁଁ ମରିଯାଏ ଭଲ—

ଏ ଜଞ୍ଜାଳରୁ ଟିକିଏ ନାହ୍ନ ପାନ୍ତୁ ।

ସେ ଅମଙ୍ଗୁଳିଆ କଥା ମୁହଁରେ ଧର ନାହିଁ କହୁଛି । ବାପ ହୋଇ ତୁମେ ତ ଏପରି କହିବ— ସାଇ ପଡିଶା, ଭାଇ ଭଗାରୀଏ କଣ ନ କହିବେ । ହଜୁରରେ ! ଦଶମାସ ଦଶଦିନ ଗର୍ଭରେ ଧରି ଜନମ କରିଥିଲି, କି ସୁଖ ଦେଖିଲି । ବାପ, ମା’ ଭଉଣୀକୁ ଭୁଲି କେଉଁଠି ରହିଲୁ ! ଦିନେ ନୁହେଁ— ଅଧେ ନୁହେଁ, ତିନି ବରଷ ହେଲା— ଅନ୍ଧକରି ଦେଲୁ ମୋତେ । ଆ— ବାପ ! ମୋ କୋଳକୁ ଫେରିଆ । ଆଜି ତୋ ଭଉଣୀର ଅବସ୍ଥା ଦେଖି— କେତେ ଅଲିଅଳରେ ବଢ଼ି ନ ଥିଲା— ଶେଷରେ ତା କପାଳରେ ଏଇଆ ଥିଲା— ତୋ ପରି ଧନୁର୍ଦ୍ଧର ଭାଇ ଥାଉଁ ଥାଉଁ ସେ ଆଜି କଂସେଇ ଘରକୁ ଯିବ— ଏଇଆ କ’ଣ ତୋ ମନରେ ଥିଲା । ଆ ବାପ ! ଘରକୁ ଫେରି ଆ । ତୋତେ ପାଇଲେ ମନ ମୋର କୁଣ୍ଢେ ମୋଟ ହୋଇଯିବ । ମୁଁ ମା’ଅ— ଜନମ ଦେଇଛି । ମାଆକୁ କିଏ କନ୍ଦାଇ କନ୍ଦାଇ ମାରେ ବାପ ! ପାଠଶାଠ ପଢ଼ି ତେବେ ବି ଅବୁଝା ହେଲୁ । ହେ ଠାକୁରେ ! ତୁମେ କଣ ନାହିଁ ! ମୋ ଅବସ୍ଥା ତୁମକୁ କ’ଣ ଦେଖା ଯାଉନାହିଁ ! କ’ଣ କାଠ ପାଲଟି ଗଲ ଦେବତା ! ଡାକି ଡାକି ଝଣ୍ଟି ଶୁଖିଗଲାଣି, ତଥାପି ତୁମର ଟିକିଏ ଦୟା ହେଉ ନାହିଁ । ହେଉ— କର୍ମକୁ ନ କହି କହିବି କାହାକୁ ? ଭଗବାନ ! ତୁମେ ଏକା ମୋର ଭରସା ।

କାନ୍ଦି କାନ୍ଦି ହୋଇ ହେମ ବଡ ଠାକୁରଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆଟିଏ ମାରିଲେ । ହେମ କୁଆଡେ ଯାଇଥିଲା କେଜାଣି, ଧଇଁସଇଁ ହୋଇ ଧାଇଁ ଆସି ଘରେ ପହଞ୍ଚି ଦେଖେ ତ, ତା ବଉ କାନ୍ଦୁଛି । ସବୁ ଆନନ୍ଦ ତାର କୁଆଡେ ଉଭେଇ ଗଲା । ହସ ହସ କଅଁଳ ମୁହଁଟି ମଉଳି ଗଲା ତାର— ବଉଙ୍କ ଆଖିରେ ଲୁହ ଦେଖି । ଥରିଲା କଣ୍ଠରେ ଡାକିଲା……

ବଉ !"

' କଣ ମା' "

ୁ କାନ୍ଦୁଛୁ କାହିଁକି ବଉ ? ମଝିରେ ମଝିରେ ଏପରି ବାୟାଣୀଙ୍କ
ର କାହିଁକି ହେଉଛୁ ?

ବାୟାଣୀ ମୁଁ ହୋଇ ନାହିଁଲୋ ଝିଅ, ବାୟାଣୀ ମୋ ମନକୁ ମୁ
ହୋଇ ନାହିଁ । ବଳୁ ଆଜି ମୋତେ ବାୟାଣୀ କରୁଛି, ତାକୁ
କୋଳେଇ କାଖେଇ ମଣିଷ କରିଥିଲି, ତା'ର ଫଳ ମୁଁ ପାଇବି
ନାହିଁ ତ ଆଉ କିଏ ପାଇବ ମାଆ ।

ତେବେ ଭାଇ କ'ଣ ଘରକୁ ଆସିବେନି ବଉ ?

କେଉଁଠି ଆସୁଛି ଲୋ ଝିଅ ! ଦିନ ନାହିଁ, ରାତି ନାହିଁ, ଦିଅଁ
ଦେବତାଙ୍କୁ ଡାକି ଡାକି ତଣ୍ଟି ଶୁଖି ଯାଉଛି— ଆଖିରେ ଲୁହ ଦେଖୁଛୁ
ଝିଅ— କର୍ମକୁ ନ କହି କହିବି କାହାକୁ ! ସବୁ କପାଳ କଥା ଲୋ
ଝିଅ— କର୍ମକୁ ନ କହି କହିବି କାହାକୁ ? ସବୁ କପାଳ କଥା ଲୋ
ମାଆ— ସବୁ କପାଳ କଥା ।

ଚିନ୍ତା କର ନାହିଁ ବଉ ! ଭାଇ କ'ଣ ବାପା, ବଉ, ଭଉଣୀର ମାୟା
ତୁଟାଇ କେଉଁଠି ରହି ପାରିବେ । ନିଶ୍ଚୟ ଦିନେ ନାଁ ଦିନେ ଜନମ
ଭୂଇଁକୁ ଫେରି ଆସିବେ । ଛୁଆ ପିଲା ତ ନୁହେଁ ଯେ ଆମେ ଭାବିବା ।
ମୁଁ ତ ଅଛି ବଉ, ଇମିତି କାତର ହେଲେ କ'ଣ ଚଳିବ ?

ତୋର ମୁହଁକୁ ତ ଚାହିଁ ପଡ଼ିଛିଲୋ ଝିଅ । ତୁ କ'ଣ ସବୁଦିନ ମୋ
ପାଖରେ ରହି ପାରିବୁ ମା' ! ଯେତେ ହେଲେ ପର ଘର, ଆଜି ଅଛୁ
କାଲି ସକାଳୁ ବାହାସାହା ହୋଇ ତୋ ଘରକୁ ତୁ ଚାଲିଯିବୁ ।

ନାଁ— ବଉ ! ମୁଁ ବାହା ହେବି ନାହିଁ ।

ଛି ଲୋ ଝିଅ ! ସେ କି କଥା । ଝିଅ ଜନମ ତ ପର ଘରକୁ ।
ତୋତେ କ'ଣ ମୁଁ ସବୁଦିନେ ଘରେ ରଖି ପାରିବି ମାଆ ! ଦିନ
ଆସିବ— ବାପ ମା'ଙ୍କୁ ଅଳି ଅଳଣୀ କରି ତୁ ଚାଲି ଯିବୁ ତୋ ଘର

ସାଇଜ କରିବାକୁ । ମାଆ !" ସେଇଥିରେହିଁ ମୋର ଶାନ୍ତି, ସେଇଥିରେହିଁ ମୋର କୋଟି ଆନନ୍ଦ । ଖାଲି ବିଜୟକୁ ଟିକିଏ ଅନେଇଛୁ— ନଥିଲେ, କେଉଁ ଦିନରୁ ସବୁ କାମ ସାରନ୍ତିଣି ଲୋ ଝିଅ ।
ମୁଁ କ'ଣ ତୋତେ ଏତେ ଅଡୁଆ ହେଉଛି ବଡ଼ ! ମୋତେ ସାହା କଲେ ତୁ କ'ଣ ଶାନ୍ତି ପାଇବୁ ।
ହେମ ବଡ଼ ଆନନ୍ଦରେ କୁଣ୍ଢେଇ ପକେଇଲେ ଝିଅକୁ । କହିଲେ— ପାଗଳୀ ମା'ଟାର ମୋର କେତେ ବୁଦ୍ଧି !

## ପାଞ୍ଚ

ମଦନ ବାବୁ ଓ ବୀଣା ଦେବୀଙ୍କ ଆପ୍ରାଣ ଚେଷ୍ଟାରେ ଗୋବିନ୍ଦପୁର ହରିଜନ ବସ୍ତିରେ ମୁଣ୍ଡ ଟେକି ଠିଆ ହୋଇ ପାରିଛି ଗୋଟିଏ ସେବାଶ୍ରମ । ମହାମାନବ ମହାତ୍ମା ଗାନ୍ଧିଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାହାର ନାମ ବାପୁଜୀ ସେବାଶ୍ରମ ଦିଆ ଯାଇଅଛି । ଗୋଟିଏ ବଡ଼ ହଲ୍— ହଲ୍‌ଟି ଚାରିଗୋଟି କୋଠରୀରେ ବିଭକ୍ତ । କୋଠରୀର ଚଉକାଠରେ ବଡ଼ ବଡ଼ ଅକ୍ଷରରେ ନାମ ଫଳକ ଲେଖାଯାଇ ଟଙ୍ଗା ଯାଇଛି । ପ୍ରଥମଟି ନାରୀ ଶିକ୍ଷା କେନ୍ଦ୍ର, ଦ୍ୱିତୀୟଟି ଦାତବ୍ୟ ହୋମିଓପ୍ୟାଥିକ ଚିକିତ୍ସାଳୟ, ତୃତୀୟଟି ନବଶିକ୍ଷୁଙ୍କ ପାଇଁ ଆଶ୍ରମ ଓ ଚତୁର୍ଥଟି ମଦନ ବାବୁଙ୍କର ଅଫିସ୍ ।
ବୀଣା ଦେବୀ ନାରୀ ଶିକ୍ଷାକେନ୍ଦ୍ରରେ ବସି କେତେଗୁଡ଼ିଏ ସ୍ତ୍ରୀଲୋକଙ୍କ ସହିତ ଆଶ୍ରମ ଜୀବନ ଯାପନ ସମ୍ବନ୍ଧରେ ଆଲୋଚନା ଚଳାଇଛନ୍ତି । ହସି ହସି ଘର ଭିତରକୁ ପଶି ଆସିଲା ହେମ— ବୋଉ ପାଖରେ କେତେ ଅଳି କରି ଆଜି ବାପୁଜୀ ସେବାଶ୍ରମକୁ ବୁଲି ଆସିଛି ସେ ।

ଦେଖେକି ସୁନ୍ଦର ଦିଶୁ ଏ ହେମ— ଗୋରା ଉଜ୍ଜଳ୍ ଦେହେରେ— ଜାମୁକୋଳିଆ ରଙ୍ଗର ସିଲ୍କ ବ୍ଲାଉଜ ଉପରେ ବାଙ୍ଗାଲୋର ସିଲ୍କର ଶାଢ଼ୀ ଖଣ୍ଡିକ ବେଶ୍ ମାନୁଛି ତାକୁ । ଢଳଢଳ ଯଉବନ— ସଜ ଗୋଲାପ ପରି ହସ ହସ ମୁହଁ, ନାଲି ଟୁକୁ ଟୁକୁ ଓଠ— ମନଲୋଭା ଭ୍ରୂଯୁଗଳ । ପିଠି ଉପରେ ଦୋଳାୟିତ କୃଷ୍ଣ ବେଣୀ, ଜବାକୁସୁମର ମଧୁର ଗନ୍ଧରେ ମହକି ଉଠୁଛି । ବେକରେ ନେକ୍‌ଲେସ୍, କାନରେ ଦୁଲ୍ । ଟୋଟି ଟୋଟି କରି ଷୋଳଟି ବସନ୍ତ ତା ଦେହ ଛୁଇଁ ଗଲାଣି । ସତେ ଯେପରି ପରୀଟିଏ । ହେମକୁ ଦେଖି ବୀଣା ଦେବୀ ହସ ହସ ହୋଇ କହୁଲେ— ଆରେ ଅପରୂପ ଯେ— ଆଜି କାହାର ମନେ ପଡ଼ିଲା ମୁଁ ? ହସି ଉଠିଲେ ସମସ୍ତେ । ବୀଣା ଦେବୀ ହେମର ହାତ ଧରି ନିଜ ପାଖରେ ବସାଇଲେ । କେତେ ହସ ଖୁସି ଗପ ପଡ଼ିଲା ! ମଝିରେ ମଝିରେ ହେମ ଘରର ଚାରିଆଡ଼କୁ ଆଖି ବୁଲାଉ ଥାଏ— ଗପସପ ସରିଲା, ବୀଣା ଦେବୀ କହିଲେ— ହେମ !

କ'ଣ ବୀଣା ଦେବୀ ? ସତୃଷ୍ଣ ନୟନରେ ଚାହିଁ ରହିଲା ହେମ ବୀଣା ଦେବୀଙ୍କୁ ।

"ଅଚ୍ଛା" କହିଲି ହେମ ସବୁବେଳେ ଘରେ ବସି କ'ଣ କରୁଛ, ଆଶ୍ରମ ଆଡ଼େ ପ୍ରତିଦିନ ଟିକିଏ ବୁଲି ଆସିଲେ ହୁଅନ୍ତା ନାହିଁ ? ଘରେ ସବୁ ବଡ଼ ଏକୁଟିଆ— ଏ ବୁଢ଼ୀ ବୟସରେ କେତେ ଖାଟିବି, ମୁଁ ତ ଆଉ ଛୁଆ ନୁହେଁ ଯେ ଦାଣ୍ଡ ଘାଟରେ ସବୁବେଳେ ମନ ଫୁଲେଇ ଡେଇଁବି— ଘର କାମରେ ଯଦି ସାହାଯ୍ୟ ନ କରେ ତା ମନରେ ଦୁଃଖ ହେବ ନାହିଁ ! ଜନମ କରିଥିଲେ କ'ଣ ଦୁଃଖ ପାଇବା ପାଇଁ । ତା ପରେ ଭାଇଙ୍କ ପାଇଁ ବୋଉ ମୋର ସବୁବେଳେ ବ୍ୟସ୍ତ— ଖିଆ ନାହିଁ ପିଆ ନାହିଁ ଭାବି ଭାବି ହାଡ଼ ଦ'ଖଣ୍ଡ ଗଣି ହୋଇ ଗଲାଣି ।

ତଥାପି ଭାବ ତ ଥରେ ହେମ, ଏଠା କ'ଣ ତୁମ ଘରର ଗୋଟିଏ

କାମ ନୁହେଁ ? ମାଉସୀଙ୍କୁ କହିଲେ ସେ କ'ଣ ନାହିଁ କରନ୍ତେ, କିନ୍ତୁ ଅସଲ କଥା ହେଉଛି, ତୁମେ ଭବିଷ୍ୟତ ଆଡ଼କୁ ଟିକିଏ ଭଲ ଭାବରେ ଚିନ୍ତା କରୁଛ— କାଲେ ବୀଣା ଦେବୀ ଏପରି ଆଶ୍ରମ, ଗ୍ରାମ ସଂଗଠନ, ନାରୀ ଶିକ୍ଷାକେନ୍ଦ୍ର ପ୍ରଭୃତି ଅନୁଷ୍ଠାନ ଖୋଲି ଲୋକମାନଙ୍କ ମନରେ ଟିକିଏ ଜାଗରଣ ଆଣିଲେ— ମୋର ଭବିଷ୍ୟତ ପଥରେ କାଲେ କିଛି ଅସୁବିଧା ହେବ । ହଁ ଏଇଟା ତୁମ ପକ୍ଷେ ଭାବିବାର କଥା କିନ୍ତୁ ହେମ ଜନସାଧାରଣଙ୍କ ମଙ୍ଗଳ ଦୃଷ୍ଟିରୁ ଏଇଟା ତ କିଛି ଖରାପ କାମ ନୁହେଁ ।

ଚପ୍ କରି ଅଟକି ଗଲା ହେମ— କି କଥା ଇଏ, ମୋତେ କେନ୍ଦ୍ରକରି ଏପରି କଥା କହିବାର ଉଦ୍ଦେଶ୍ୟ କଅଣ ? ମୁଁ ତ କଳ୍ପନାରେ ସୁଦ୍ଧା ଏ ବିଷୟରେ ଥରେ ଭାବି ନାହିଁ, କିନ୍ତୁ ଆଜି ବୀଣା ଦେବୀଙ୍କର ମୋ ପ୍ରତି ଏ କି ଆକ୍ଷେପ । ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲା ହେମ— ଏ କି କଥା ବୀଣା ଦେବୀ ! ମୋ ଠାରୁ କୌଣସି ଦିନ ଏ ଅନୁଷ୍ଠାନ ବିରୁଦ୍ଧରେ ଅଭିଯୋଗ ଶୁଣିବାକୁ ପାଇଛ ନା କଣ ? ଯାହାଦ୍ୱାରା ଶହ ଶହ ନରନାରୀ ଉପକୃତ ହେବେ, ମୁଁ ଯିବି ତା ବିରୁଦ୍ଧରେ, ମୁଁ ତ ସ୍ୱପ୍ନରେ ସୁଦ୍ଧା ଭାବି ନାହିଁ । ତୁମ ମନରେ ଏ ଭୁଲ ଧାରଣା କିଏ ଦେଇଛି, ଥରେ କୁହ ତ ବୀଣା ଦେବୀ ?

ଭୁଲ ଧାରଣା ମୋର ନୁହେଁ ହେମ— ସେ ଭୁଲ ତୁମର । ତୁମେ କଣ ଭବିଷ୍ୟତ ପାଇଁ ଚିନ୍ତା କରି କଥା କହୁ ନାହଁ ! ତେବେ କଣ ମୁଁ ଯାହା ଶୁଣିବାକୁ ପାଇଛି ସେ କଥା ମିଛ ! ତୁମେ ପରି ଚୌଧୁରୀ ଘର କୁଳବଧୂ ହେବାକୁ ଯାଉଛ !

ମନର ସବୁଗ ମଉଳି ଗଲା ହେମର— ମୁଣ୍ଡଟା ଗୋଳମାଳ ହୋଇଗଲା— ପେଟଟା କୁରୁଳି ଉଠିଲା ଅଜଣା ଭୟର ଆଶଙ୍କାରେ । ଗୋଟେ ପିଲାଟି ପରି କହିଁ କହିଁ ହୋଇ କାନ୍ଦି ପକାଇଲା ହେମ, କହିଲା— ଏ କଥା କ'ଣ ସତ ବୀଣା ଦେବୀ !

ଅଶ୍ରୁରେ ଅକ୍ଷିରେ ସତରେ ଭଉଣୀ— ମିଛ କହି ମୋର କି ଲାଭ ? ସାଇ ପଡ଼ିଶା ସବୁରି ମୁହଁରେ ତ ସେଇ କଥା, ମୁଁ ବା ମିଛ କହିବି କାହିଁକି ?

କଥା ଶୁଣି କାନ୍ଦଣାର ମାତ୍ରା ବଢ଼ିଗଲା ହେମର— ଅଧୀର ହୋଇ କହିଲା— ବୀଣା ଦେବୀ, ଏତେ ଲୋକଙ୍କର ଏତେ ଉପକାର କରୁଛ, ମୋର ଗୋଟିଏ ଉପକାର କରି ପାରିବ । ତୁମ ଗୋଡ଼ ଧରୁଛି ତୁମେ ମୋର ଗୋଟିଏ ଅନୁରୋଧ ରକ୍ଷାକର, ମୋତେ ଟିକିଏ ବିଷ ଦେଇ ପାରିବ ! ବିଷ— ସେତିକିରେହିଁ ମୋର ଶାନ୍ତି । ତଳେ ମୁଣ୍ଡଟାକୁ ତୁ କରି ବାଡ଼େଇ ଦେଲା ହେମ । ବୀଣା ଦେବୀଙ୍କ ଆଖିରୁ ଦୁଇଟୋପା ଲୁହ ଖସି ପଡ଼ିଲା ତାଙ୍କ ଅଜାଣତରେ । ହେମକୁ କୋଳକୁ ଉଠାଇ ନେଇ ସାନ୍ତ୍ୱନା ଦେଇ କହିଲେ— ଛି ଭଉଣୀ, ଏପରି ଅସ୍ଥିର ହେଲେ କ'ଣ ଚଳିବ ? ଘାତକୁ ପଥର କରିବାକୁ ହେବ— ଦେହକୁ ଲୁହା ଠାରୁ ଅଧିକ ଟାଣ କରିବାକୁ ହେବ । ଆସୁ ଝଡ଼, ଆସୁ ଝଞ୍ଜା ତଥାପି ତାକୁ ମୁଣ୍ଡ ପାତି ସହି ଆଗେଇବାକୁ ହେବ । ମଉସା ତ ଜବାବ୍ ଦେଇଛନ୍ତି— ମାଉସୀ ସେ ତ ମାଇପି ଲୋକ, ତାଙ୍କ କଥା ଛାଡ଼— ତେବେ ମୁଁ କଣ ତୁମ ବାପା ବୋଉଙ୍କ ଠାରୁ ତୁମକୁ ଛଡ଼ାଇ ଆଣି ବଞ୍ଚାଇ ପାରିବି ଭଉଣୀ ! ମଉସାଙ୍କ ଗୋଡ଼ ଧରି ଭିକ୍ଷା ମାଗିବି— ଆଖିରୁ ଲୁହ ଢ଼ାଳି ମାଉସୀଙ୍କ ଚରଣ ଧୋଇ ଦେବି, ତଥାପି— ତଥାପି ଭଉଣୀ ସେ ଯଦି ····· ବୀଣା ଦେବୀ ଆଉ କହି ପାରିଲେ ନାହିଁ— ମନ ଅସ୍ଥିର ହୋଇ ଉଠିଲା, ସବୁ ଭାବନା କୁଆଡ଼େ ଗୋଳମାଳ ହୋଇଗଲା ତାଙ୍କର ।

ଭାଇ ! ତୁମେ ଆଜି କେଉଁଠି ? ଦେଖି ଯାଅ ତୁମର ଅତି ଆଦରର ଭଉଣୀ ଆଜି କି ଅବସ୍ଥାରେ— ମରଣର ଡାକରା ଅସୁଛି ଭାଇ, ମୁଁ ଯିବି ପରପାରେ । ଚକୀର ଚକାନ୍ତ ଆଜି ଜଣା ପଡ଼ି ଯାଉଛି— ବାପାଙ୍କ ମୁଣ୍ଡକୁ ଆଜି ବିଗାଡ଼ି ଦେଉଛି ତୁମର ଅନୁପସ୍ଥିତିର ସୁଯୋଗ

ନେଇ । ତୁମେ କ'ଣ ଏହାର ପ୍ରତିବାଦ କରବ ନାହିଁ ଭାଇ—
ପିଲାଟି ଦିନରୁ ଯାହାକୁ ବଢ଼େଇ କୁଢେଇ ଆଣିଥିଲ— ଦଣ୍ଡେ ନ
ଦେଖିଲେ ଯାହାକୁ ମନ ଅଥୟ ହୋଇ ଉଠୁଥିଲା— ତୁମର ସ୍ନେହ
ଅତି ଆଦରର ଭଉଣୀ ଆଜ ଯାଉଛି ବିଷ ଖାଇବାକୁ । ଜନ୍ମଭୂମିକୁ ତ
ଏବେ ପାଶୋର ପାରବ ନାହିଁ ଭାଇ— ଦିନେ ଆସିବ, କିନ୍ତୁ
ସେଦିନ ଦେଖିବ— ବାପା ଅଛନ୍ତି, ବଉ ଅଛି, ଘର ଦ୍ୱାର ସାଇ
ପଡ଼ିଶା ସମସ୍ତେ ଅଛନ୍ତି କିନ୍ତୁ ନାହିଁ ତୁମ ଆଦରର ଭଉଣୀ...... ।
କାନ୍ଦବ ନାହିଁ ଭାଇ, ମନ କଷ୍ଟ କରବ ନାହିଁ, ହୃଦୟରୁ ପାଶୋର
ଦେବ— ଏ ଅଭାଗୀ ଭଉଣୀକୁ । "ବଉ", ତୋ ମନରେ ଦୟା
ଏତେ କୁଠି ଥିଲ ଅନ୍ତୁଡ଼ି ଶାଳରେ ତଣ୍ଟିଚିପି ମାରି ନ ଦେଲୁ କାହିଁକି ?
କାହିଁକି ବଞ୍ଚାଇ ଥିଲୁ । ପିଲାଟି ବେଳରୁ ଅଲିଅଳରେ ବଢେଇ
ଆଣିଥିଲୁ କ'ଣ ଏଇଆ ଦେଖିବାକୁ ? ମୁଁ ତ ଭୁଲରେ ଖୁଙ୍କା ଦିନେ
ତୋର କିଛି ଅନିଷ୍ଟ କରି ନାହିଁ । ଯଦି ବା କରିଥାଏ ତୁ ପରା ମାଆ,
ଗର୍ଭଧାରିଣୀ, ମୋତେ କ'ଣ କ୍ଷମା ଦେଇ ପାରବୁ ନାହିଁ ! ସେହି
ରାଗକୁ ଧରି ମୋ ଉପରେ କ'ଣ ଦାଉ ସାଧିବାକୁ ବସିଛୁ ?
ଧୈର୍ଯ୍ୟ ଧର ଭଉଣୀ ! ଏତେ ଅଧୀର ହେଲେ ଚଳିବ ନାହିଁ ।
ମା'କୁ ଦୋଷ ଦେଇ କିଛି ଲାଭ ନାହିଁ ଭଉଣୀ ! ମା' କ'ଣ ସନ୍ତାନ
ସନ୍ତତିଙ୍କର ଅମଙ୍ଗଳ କାମନା କରେ । ମା ପିଲା ପାଇଁ କେତେ ହନ୍ତ
ସନ୍ତ ନ ହୁଏ କହିଲ ? ନ ଖାଇ ନ ପିଇ ରାତି ରାତି ଉଜାଗର
ହୋଇ ବସିଥାଏ କ'ଣ ପାଇଁ ? ଛୁଆ ପିଲାଙ୍କ ଉପରେ ଏତେ ସ୍ନେହ
ଶରଧା ଅଜାଡ଼ି ଦେଇଥାଏ କେଉଁଥିପାଇଁ ? କିନ୍ତୁ ତାର ଦୋଷ କଣ
ଭଉଣୀ ! ପୁରୁଷ ଆଗରେ ନାରୀର ତୁଣ୍ଡ ଲେଉଟେ ନାହିଁ । ତୁଣ୍ଡ
ଲେଉଟିବାକୁ ବା କି ଶକ୍ତି ତାଙ୍କର— ମନର ଆଶା ମନରେ ମରେ ।
ସେ ଯେ ପରାଧୀନା । ସ୍ୱାର୍ଥପର ପୁରୁଷ ଜାତି ଭାବେ ନାରୀ ତାଙ୍କର
କ୍ରୀଡ଼ା ପୁତ୍ତଳିକା— ବିଳାସ ବ୍ୟସନର ସାମଗ୍ରୀ । ଉଦର ଭରେଇ

ପର ଯେତେବେଳେ ନଚେଇବାକୁ ଚେଷ୍ଟା କରିବେ, ସେ ସେତେ-
ବେଳେ ନାଚିବ । ଏଇ ତ ଦୁନିଆର ନୀତି ।

ସେ ନୀତି ଅନୀତି ମୁଁ କିଛି ମାନିବି ନାହିଁ ବୀଣା ଦେବୀ । ଦି ଅକ୍ଷର ପାଠଶାଠ ପଢ଼ି ମଣିଷ ହୋଇଥିଲି କ'ଣ ଏଇ କୁସଂସ୍କାର ବନ୍ଧନରେ ଛାତି ଦମ୍ଭକରି ଠିଆ ହୋଇ ପାରିବି ନାହିଁ ? ନିଶ୍ଚୟ ପାରିବ — ନିଶ୍ଚୟ ପାରିବି ।

ସାବାସ୍ ଭଉଣୀ! ଛାତି ମୋର କୁଣ୍ଢେ ମୋଟ ହୋଇ ଯାଉଛି ତୁମର ଏହି କଥା ପଦକ ଶୁଣି ।

ହେମ କହି ଚାଲିଲା— ଖାଲି ସେତିକି ନୁହେଁ ବୀଣା ଦେବୀ, ବାପାଙ୍କୁ ପଚାରିବି— ବାପା ! କିଏ ଭାର ଦେଇଛି ତୁମ ମୁଣ୍ଡରେ ଏ କାଳକୂଟ ବିଷ— ଗାଁର ସେଠ ମାମଲତକାର ନାଁ ଘରଭଙ୍ଗା ଖାଉଟିଇ । ନିରୀହ ଲୋକଗୁଡ଼ାଙ୍କର ସର୍ବନାଶ କରି ଚାଲିଛି । ତୁମେ ଛାତି ପତାଇ ସବୁ ସହି ଯାଉଛ । ପ୍ରତିବାଦ କରିବାକୁ କ'ଣ ସାହସ ନାହିଁ । ଗୋଟାଏ ଲୋକ ଯୋଗେ ଗାଁ ଆଜି ଉଚ୍ଛନ୍ନ ହେବାକୁ ଯାଉଛି । କ'ଣ ଧନ ଦେଖି ଡ଼ରି ଯାଉଛ ବାପା, ନାଁ ବାପା, ଧନ ବଳ ଠାରୁ ମନ ବଳ ବଡ଼ ।

ବୀଣା ଦେବୀ ସାନ୍ତ୍ୱନା ଦେଇ କହିଲେ— ଏତେ ଉତ୍ୟକ୍ତ ହୁଅ ନାହିଁ ଭଉଣୀ ! ଧୀର ପାଣି ପରା ପଥର କାଟେ । ଆଖି ଆଗରେ ଦେଖିଛ ତ ଆମ ସ୍ୱାଧୀନତା ସଂଗ୍ରାମ କେତେ ଶୃଙ୍ଖଳାର ସହିତ ଆଗେଇ ଥିଲା— ବିଦେଶୀ ସରକାର ହାତରେ ତୋପ, ଗୁଳି, କମାଣ ଆଉ ଆମ ଦେଶବାସୀଙ୍କ ହାତରେ ଅହିଂସାର ଅମୋଘ ଅସ୍ତ୍ର, ଦେଖିଲ ତ ? ସେହିପରି ଆମକୁ ଧୀରେ ଧୀରେ କାମ କରିବାକୁ ହେବ । ଏହା ପରେ ନିଶ୍ଚୟ ଦିନେ ନାଁ ଦିନେ ଆମର ଦାବୀ ହାସଲ ହେବ ଭଉଣୀ ସେଥିପାଇଁ ସଂଗଠନ ଆବଶ୍ୟକ ।

ବୀଣା ଦେବୀଙ୍କର ଏପରି ଆଶ୍ୱାସନା କଥାରେ ହେମ ମନରେ ଟିକିଏ

ଯନ୍ତ୍ରବିକଳ ଦେଖାଗଲା । ମନେ ମନେ ଭାବିଲା କିଏ ଏହି ବାଣୀ ଦେବୀ ଯେ କି ମୋତେ ଆଜି ମରଣ ମୁହଁରୁ ଫେରେଇ ଆଣି ପାରିଲେ— ଯାହାର ପ୍ରତ୍ୟେକ କଥାରେ ମାଦକତା ଭରି ରହିଛି— ଯେ ପରକୁ ଆପଣାର କରି ପାରେ— ପର ପାଇଁ ହସି ହସି ଛାତିକୁ ଲହୁ ଲହୁ ଲଗାଇ ଦେଇ ପାରେ— ଧନ୍ୟ ତୁମେ ନାରୀ— ତୁମକୁ ପାଇ ଛାତି ମୋର କୁଣ୍ଢେ ମୋଟ ହୋଇ ଯାଉଛି । ଆନନ୍ଦରେ ଅଧୀର ହୋଇ ହେମ ପଚାରିଲା— କିଏ ତୁମେ ବାଣୀ ଦେବୀ— ମୋତେ ଆଜି ମରଣ ମୁହଁରୁ ଫେରାଇ ଆଣି ପାରିଲ ?

ହସି ହସି ବାଣୀ ଦେବୀ କହିଲେ— ମୁଁ ତୁମରି ପରି ଗୋଟିଏ ଓଡ଼ିଆ ଘରର ଝିଅ ହେମ ! ତୁମର ଗୋଟିଏ ଭଉଣୀ ।

ହେମ ଗେହ୍ଲେଇ ହୋଇ କହିଲା— "ଅପା !" ସବୁ ସ୍ନେହ ମମତା ତ ମୋ ଉପରେ ଅଜାଡ଼ି ଦେଉଛ ଏପରି ଅଯାଚିତ ଭାବରେ । ଅଚ୍ଛା, କହି ପାରିବ ଅପା ! ମୋ ବଜସ୍ଥ ଭାଇ କ'ଣ ଘରକୁ ଫେରିବେ ନାହିଁ ? ବର୍ଷ ବର୍ଷ ଧରି ତନ୍ନ ତରଖ ବିତି ଗଲା ତଥାପି ଘରକୁ ଫେରିଲେ ନାହିଁ । ତାଙ୍କୁ ଫେରେଇ ଆଣିବା ପାଇଁ କ'ଣ କିଛି ଉପାୟ ନାହିଁ ଅପା ! ଭାଇଙ୍କ ପାଇଁ ଭାବି ଭାବି ଘରର ସମସ୍ତେ କାତର ହେଲେଣି ଦେଖୁଛ ତ, ଯଦି ମରଣ ମୁହଁରୁ ଫେରେଇ ଆଣିବ ତେବେ ସେତିକି କର ଅପା ଛାତି ମୋର କୁଣ୍ଢେ ମୋଟ ହୋଇଯିବ, ସଂଗଠନ ଆମର ଦୃଢ଼ ହେବ । ଗଢି ପାରିବା କୋଣାର୍କ ପରି ଉତ୍କଳର ଅମର କୀର୍ତ୍ତି ।

ଚେଷ୍ଟା କରୁଛି ହେମ, ଦିନ ଦିନ ଧରି ଚିନ୍ତା କରୁଛି— ମାଉସୀଙ୍କ ଠାରୁ ଶୁଣିଲି ଦିନୁଁ, ସେ କଥା ମନରୁ ପାଶୋର ନାହିଁ ହେମ, ବହୁତ ସମୟ ଭାବି ଭାବି ଗୋଟିଏ ବାଟ ଠିକ୍ କରିଛି । ତୁମ ମନକୁ ପାଇବ କି ନ ପାଇବ କେଜାଣି ଭଉଣୀ— ମୁଁ ଭାବୁଛି କିଛି ପଇସା ଖର୍ଚ୍ଚ କରି ଯଦି ଖବର କାଗଜରେ ଗୋଟିଏ ସମ୍ବାଦ ତମ ଭାଇଙ୍କ ପାଖକୁ

ହୋଇ ପାରନ୍ତେ— ତେବେ ମୋର ଆଶା ହେଉଛି ବିଜୟ ନିଶ୍ଚୟ ଫେରି ଆସନ୍ତେ ।

ସେଇଆ କର ଅପା ! ମଦନ ଭାଇଙ୍କୁ ଟିକିଏ ଭଲ ଭାବରେ ଏ କଥା କହିବ । ତୁମ ଦ୍ୱାରା ହେବ ଅପା ! ସେ ଗୋଟିଏ ସମ୍ବାଦ ଲେଖି ଖବର କାଗଜକୁ ଦେଇ ଦିଅନ୍ତୁ । ପାଗଳା ଭାଇ ମୋର ଫେରି ଆସୁ ତାର ଜନ୍ମଭୂମିକୁ । ଅଭ୍ୟାଗ୍ରହର ଅତ୍ୟାଗ୍ରହ ଭାଙ୍ଗୁ— ତାର ଜିଦ ଯେପରି ବଜାୟ ନ ରହୁ । ତୁମ ଗୋଡ଼ ଧରୁଛି ଅପା, ତୁମ ସାନ ଭଉଣୀଟିକୁ ଯଦି ସୁଖୀ କରିବାକୁ ଚାହଁ— ତା ମୁହଁରେ ହସ ଦେଖିବାକୁ ଚାହଁ, ଫେରାଇ ଆଣ ମୋର ପଥଭୁଲା ପାଗଳା ଭାଇକୁ । କହୁ କହୁ ଆଖିରେ ଲୁହ ଝରେଇ ଆସିଲା ହେମର ।

ବୀଣା ଦେବୀ ଆଶ୍ୱାସନା ଦେଇ କହିଲେ— ଏମିତି ପାଗଳୀଙ୍କ ପରି ହେଲେ କଣ ଚଳିବ ହେମ ! ସୁନା ଭଉଣୀଟି ମୋର ତୁନି ହୁଅ କହି ବୀଣା ଦେବୀ ଛାତି ଉପରକୁ ଆଉଜେଇ ନେଲେ ହେମକୁ । ହେମ କରୁଣ ଦୃଷ୍ଟିରେ ଚାହିଁ ରହିଥାଏ ବୀଣା ଦେବୀଙ୍କର ମୁହଁକୁ ।

## ଛଅ

କଲିକତା ଚିତ୍ତରଞ୍ଜନ ଏଭିନ୍ୟୁର ଗୋଟିଏ ତିନି ମହଲା କୋଠା ଘର । ତଳ ମହଲାଟି ଭଡ଼ା ଦିଆ ଯାଇଛି । ଏହି ଭଡ଼ା ଘରେ ରହୁଛନ୍ତି ବିଜୟ ଓ କିଶୋର । ଆଧୁନିକ ରୁଚି ଅନୁଯାୟୀ ଘରଟି ବେଶ୍ ସୁନ୍ଦର ଭାବରେ ସଜା ହୋଇଛି । କାନ୍ଥରେ କେତେଗୁଡ଼ିଏ ଶହୀଦ୍ ବୀରଙ୍କର ତୈଳଚିତ୍ର ଠିକ୍ ମୁଣ୍ଡ ଉପରେ ଟଙ୍ଗା ହୋଇଛି । ଅନ୍ୟ ଆଡ଼େ କେତେକ ସିନେମା ଷ୍ଟାରଙ୍କର ଛବି । ବିଜୁଳି ପଙ୍ଖା

ଘଣ୍ଟି ଘଣ୍ଟି ହୋଇ ଝୁଲୁଛି । କାନ୍ଥ ଘଣ୍ଟାଟି ଟିକ୍ ଟିକ୍ ଶବ୍ଦକରି ତାର କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛି । ଟେବୁଲ ଉପରେ କେତେଗୁଡ଼ିଏ କାଗଜପତ୍ର ଅଡ଼ୁଆ ଅବସ୍ଥାରେ ଏଣେ ତେଣେ ପଡ଼ିଛି । ବିଜୟ ଅଙ୍କ ଜୀବନବୀମା କମ୍ପାନିର ଇନସ୍ପେକ୍ଟର, ଦରମା ଅଢ଼େଇ ଶହ ଟଙ୍କା, ସେଥିରେ ସେ ବେଶ୍ ଆରାମରେ ଚଳି ଯାଉଛି । କିଶୋର ମିଳୀ ଗିଲ୍ଡ ଏଜେନ୍‌ସିରେ କାମ କରି ଭଲ ଭାବରେ ଦି' ପଇସା ରୋଜଗାର କରେ । ଦୁଇ ବନ୍ଧୁ ହସ ଖୁସିରେ ସମୟ କଟାନ୍ତି । କିଶୋରର ସଂସାର ଭିତରେ ତାର, ମା ବୁଢ଼ି ଆଉ ଭଉଣୀ ମେନକା । ବାପା ତାର ଦୁଇବର୍ଷ ହେଲା ହଇଜାରେ ମରିଯାଇ ଅଛନ୍ତି । ମେନକା ବରାବର ଚିଠି ଲେଖେ— ଭାଇ ! କଲିକତାରୁ ଆସିଲାବେଳେ ସ୍ନୋ, ପାଉଡର, ସାବୁନ, ଅଳତା କେତେ କଣ ଆଣିବା ପାଇଁ । ବରଷକ ତଳେ କିଶୋର ଯାଇଥିଲା ଗାଁକୁ । ଭଉଣୀର ଫରମାସ ଅନୁସାରେ ସବୁ ନେଇ ଥିଲା ସେ— ଆନନ୍ଦରେ ଲୋଟି ଯାଇଥିଲା ମିନି ଭାଇଙ୍କ ପାଦ ତଳେ । ହସି ହସି ଭାଇଙ୍କ ସେବାରେ ଲାଗିଯାଇଥିଲା ଦିନରାତି । ସେଦିନ ଛଳ ଛଳ ଆଖିରେ କିଶୋର ପାଖରେ ଆପତ୍ତି କରିଥିଲା ମିନି— କଲିକତାରେ ପହଞ୍ଚି ଚିଠି ଦେବ ଭାଇ । ଅନାଇ ରହିଲୁ । ବୋଉ କହିଥିଲେ ଚାରି ଛ' ମାସରେ ଥରେ ଲେଖାଏଁ ଆସି ବୁଲି ଯାଉଥିବୁ ବାପା । ବେଶି ଦିନ ରହିବା ଭଲ ନୁହେଁ । ରଜାପୁଅ ପରି ଦେହେଟା କଣ ହେଲାଣି । ଦିନକୁ ଦିନ ହାଡ଼ ସବୁ ଗଣି ହୋଇ ଯାଉଛି— ଦେହକୁ ଟିକିଏ ନଜର ଦେଉଥିବୁ ବାପ, ବସାରେ ପହଞ୍ଚି ଚିଠି ଦେବୁ । ସେଦିନ ଛଳ ଛଳ ଆଖିରେ ହଁ ଟିଏ କହି ବୋଉଙ୍କ ଚରଣ ତଳେ ମୁଣ୍ଡିଆ ମାରି ଘର ଛାଡ଼ି ଆସିଥିଲା କିଶୋର । ବରଷେ ପୂରି ଗଲାଣି, ଖଣ୍ଡିଏ ଚିଠି ପର୍ଯ୍ୟନ୍ତ ଦେଇ ପାରି ନାହିଁ— ତାର ମା' ଭଉଣୀଙ୍କ ପାଖକୁ । ମେନକା କେତେ ଥର ଲେଖିଛି । ବଢ଼ କେତେ ଥର ବସି କଲମ

ପଢାଇ ଚିଠି ଲେଖିଛନ୍ତି— ଘରକୁ ଯିବା ପାଇଁ । ଘରକୁ ଯିବା ଦୂରର କଥା, ଭୁଲରେ ସୁଦ୍ଧା ଯଦି ହେଲେ ଏହାର କୌଣସି ଉତ୍ତର ଦେଇ ନାହିଁ ସେ । ସେଦିନ ଦୁଇଟା ବେଳେ ଡାକବାଲା ଦେଲା ଖଣ୍ଡିଏ ଚିଠି । ଲଫାପା ଖୋଲି ପଢିଲା କିଶୋର । ଲେଖା ହୋଇଛି—

ଶ୍ରୀଚରଣ କମଳେଷୁ

ଭାଇ !

ଏ ହତଭାଗିନୀ ଭଉଣୀର ପ୍ରଣାମ ଗ୍ରହଣ କରିବ । ତୁମ ମନରେ କଣ ଏତେ କଷ୍ଟ ଅଛି ଭାଇ ! ଆସିବା ତ ଦୂରର କଥା, ଚିଠି ଖଣ୍ଡିଏ ଦେଉନା । ବୋଉ ଦିନସାରା ଭାବି ଭାବି ହୋଇଗଲି ଗଲାଣି— ବଞ୍ଚିବ କି ମରିବ, ସେକଥା ଭଗବାନଙ୍କୁହିଁ ଜଣା । ମୁଁ ତୁମ ଚରଣ ତଳେ କି ଅପରାଧ କରିଥିଲି ଭାଇ ! ସବୁ ସ୍ନେହ ମମତା ଭୁଲି ଆମକୁ ପର କରି ଦେଲ । ବାପା ମରି ଯାଇଛନ୍ତି, ହେଲେ ତୁମର ବଳରେ ବୋଉ ମୋର ନାଚି ଉଠୁଥିଲା । ଏ ଭୁଣ୍ଡି ବୟସରେ ତାଙ୍କୁ ଏତେ ଦହଗଞ୍ଜ କରିବା କଣ ଉଚିତ ହେଉଛି । ଭାଇ, ମୋ ରାଣ ତୁମକୁ, କାଳୀ ମାତାଙ୍କ ରାଣ ରହିଲା ଭାଇ, ଚିଠି ପାଇ ନିଶ୍ଚୟ ଆସିବ । ଇତି ।

ତୁମର ଭଉଣୀ—

ମମ୍ମା

ଅଜୟ ଅଫିସରୁ ଆସି ଦେଖେ ତ — କିଶୋର ଚିନ୍ତିତ ଥିଲାପରି ଜଣା ପଡୁଛି, କହିଲା— କିରେ କିଶୋର, ଘରୁ ଚିଠି ପତ୍ର କିଛି ଆସିଛି ନାଁ କଣ ? ହାତରେ ସେଠା କଣରେ ?

ହଁ ଭାଇ !

ସତେ ? ଦେଖି କଣ ଲେଖା ହୋଇଛି । ଅଜୟ ଚିଠିଟି ଆଣି ପଢି ବସିଲା । ଥରକୁ ଦୁଇଥର ତିନିଥର, ତା ପରେ କହିଲା— ସତେ କିଶୋର, ମା ଭଉଣୀଙ୍କୁ ଏପରି ଅବସ୍ଥାରେ ଛାଡ଼ି ଏଠି ପଢ଼ି ରହିବା

ତୋର ଉଚିତ ନୁହେଁ । ବର୍ଷେ ହେଲା ଆସିଲଣି । ସ୍ତ୍ରୀଲୋକଗୁଡ଼ାକ କି ହଇରାଣ ନ ହେଉଥିବେ— କହିଲ ! ଥରେ ଅପେ ଯାଇ ବୁଲି ଆସିଲେ ହୁଅନ୍ତା ନାହିଁ । ପୁଣି ଛୁଟି ତ ଅଛି, ଗୃହକଷ୍ଟ କରୁଛୁ ବୋଲି ଘର-ଦ୍ୱାର, ମା' ଭଉଣୀ ଛାଡ଼ି ବର୍ଷ ବର୍ଷ ଧରି ବିଦେଶରେ ପଡ଼ି ରହିଥିବୁ ? ଏଇଠା ତୋର କଣ ଉଚିତ ନୁହେଁ ?

କିଶୋର ଚଟ୍ କରି କହି ପକାଇଲା— ମୋର ତ ଉଚିତ ନୁହେଁ ଆଉ ତୋର ?

ମୋ କଥା ଛାଡ଼ କିଶୋର ! ମୁଁ ଗୋଟାଏ ସୃଷ୍ଟିଛଡ଼ା, ମୋ ପାଇଁ କାହାରି ଆଖିରୁ ଲୁହ ବୋହିବ ନାହିଁ । ବରଷ ବରଷ ଧରି ତିନି ବରଷ ବିତି ଗଲାଣି, ମୋ ଖବର କେହି ରଖିନ୍ତି ନା ରଖିବାକୁ ଚେଷ୍ଟା କରୁଛନ୍ତି, କାହିଁକି ବା ରଖିବେ— ମୁଁ ତ କାହାରି କିଛି ଉପକାର କରି ପାରିବି ନାହିଁ— ଭାଇ ?

ଆଚ୍ଛା କଥା କହୁଛ ବିଜୟ ! କେବେ ତୋର ଠିକଣା ସିନା କେହି ଜାଣିଥିଲେ ଚିଠିପତ୍ର ଦିଅନ୍ତେ ! ତୁ ତ ଆଜି ଏଠି— କାଲି ସେଠି ଫେରାର ଆସାମୀ ପରି ଲୁଚି ଲୁଚି ବୁଲୁଛୁ, ତୋତେ ଖୋଜି ବାହାର କରିବା କଣ ସେମାନଙ୍କ ପକ୍ଷେ ଏତେ ସହଜ । ତୋର ତ ପୁଣି ବାପା ବଉ, ଭଉଣୀ ସମସ୍ତେ ଅଛନ୍ତି, ଘର ଦ୍ୱାର ତ ଅଛି, ସବୁ ମାୟା ମମତାକୁ ତୁଟେଇ କିପରି ଏଠି ପଡ଼ି ରହିଛୁ କହିଲୁ ? ବାପା ସିନା ରାଗରେ କେତେବେଳେ ଦି' କଥା କହି ଦେଇ ଥିଲେ, ହେଲେ ତାଙ୍କ ମନ ତୋତେ ଦେଖିବାକୁ କିପରି ଆଉଟି ପାଉଟି ହେଉ ନ ଥିବ କହିଲୁ । ମାଉସୀ କାନ୍ଦି କାନ୍ଦି ବାୟାଣୀଙ୍କ ପରି ହେଉଥିବେ, ଯା ଭାଇ ! ଅତୀତର କଥାକୁ ପାଶୋରି ଦେଇ ଫେରି ଯା ସେହି ବାପା ମା'ଙ୍କ କୋଳକୁ ।

ସଚ କଥା ଭାବିଲେ ଅନ୍ତର କାନ୍ଦି ଉଠୁଛି କିଶୋର ! କ୍ଷଣିକ ଉତ୍ତେଜନାରେ ମୁଁ କଣ କଲି ? ଜନ୍ମଦାତା ପିତା ପୁଅ ପୁଅ ବୋଲି

କି ଆକୁଳ ହେଉଥିବେ— ବୋଉ ମୋର ବଜୁ ବଜୁ ହୋଇ କାନ୍ଦ କାନ୍ଦ ମୁଣ୍ଡ ପିଟି ହେଉଥିବ, ଆଜ ଆଦରର ଭଉଣୀ ମୋର ଭାଇ ଭାଇ ବୋଲି ଭାବି ଭାବି ନ ଖାଇ ନ ପିଇ କଣ୍ଟା ହୋଇ ଯିବଣି । କିଶୋର ! କି ଅକୃତଜ୍ଞ ସନ୍ତାନ ମୁଁ, ମୁଣ୍ଡ ଘୂରି ଯାଉଛି କିଶୋର ! ପେଟ ଭିତରଟା ଘାଣ୍ଟି ହୋଇ ଯାଉଛି, କାହିଁକି ମୋତେ ପେଟରେଇ ଆଣିଲ ମୋ ଚାଲି ବାଟରୁ, କାହିଁକି ଅତୀତର ସ୍ମୃତିକୁ ଲଗାଇ ଦେଲ ମୋ ହୃଦୟରେ, ଯେଉଁ ସ୍ନେହ ଧାରଧା ଦୀର୍ଘ ତିନି ବରଷ ଧରି ପାଶୋରି ପାରିଥିଲି— ଆଜି କାହିଁକି ସେ ସବୁର ପୁନରାବୃତ୍ତି କରି ବସିଲ । ଆଖି ଛଳ ଛଳ ହୋଇ ଯାଉଛି— ଛାତି ଫାଟି ଯାଉଛି— କିଶୋର କେଉଁ ମୁହଁ ନେଇ ଫେରିଯିବି— ବାପା ବୋଉଙ୍କ କୋଳକୁ । ବାପା ! ତୁମେ କଣ ଆଶୀର୍ବାଦ ପରିବର୍ତ୍ତେ ଅଭିଶାପ ଦେବ— କି ହୀନସ୍ଥିତି ନ କରୁଛି ତୁମର ଅବସ୍ଥା, କି ଆକୁଳ ହେଉ ନ ଥିବ— ପୁଅ ପୁଅ ବୋଲି । ବୋଉ ! ତୁ କି ତୋ ବିଜୟକୁ ଆଜି କ୍ଷମା ଦେବୁ— ସବୁ ଅପରାଧକୁ ପାଶୋରି ଦେଇ । ଏ ଅକୃତଜ୍ଞକୁ ହସି ହସି ତୋ କୋଳକୁ ନେବୁ ବଉ ! ହେମ, ସୁନା ଭଉଣୀ ମୋର— କେତେ କାନ୍ଦୁଥିବୁ ଭଉଣୀ ! ଭାଇ ଭାଇ ବୋଲି କି ଆକୁଳ ହେଉ ନ ଥିବୁ, ତୋ ପାଇଁ କିଛି କରି ପାରିଲି ନାହିଁ ଭଉଣୀ, ତୋତେ ସୁଖୀ କରି ପାରିଲି ନାହିଁ— ତୋ ଜୀବନକୁ ଜଳେଇ ପୋଡ଼େଇ ମାରିଛି— ତୋ ହସ ଖୁସିର ସଂସାର ଦେଖି ପାରିଲି ନାହିଁ ଭଉଣୀ, ଅଭିମାନ କରିଥିବୁ, କିନ୍ତୁ ଭଉଣୀ ! ସେ ଅଭିମାନକୁ ଭୁଲି ଏ ପାଗଳା ଭାଇକୁ କି ଆଦର କରିବୁ ? ମୁଣ୍ଡ ଘୂରି ଯାଉଛି କିଶୋର, ଭାବି ଭାବି ପାଗଳ ମୁଁ ହୋଇଯିବି ! କି କୁକ୍ଷଣରେ ଜନ୍ମ ହୋଇଥିଲି କେଜାଣି— ଜୀବନରେ ଟିକିଏ ଶାନ୍ତି ପାଇଲି ନାହିଁ । ସବୁବେଳେ ଅଶାନ୍ତି ହା-ହୁତାଶରେ କଟିଛି, ଭବିଷ୍ୟତ ଅନ୍ଧକାରମୟ ଦେଖା ଯାଉଛି । ଏ ଅନ୍ଧକାରମୟ ସୁଦୂର

ଭାଗ୍ୟକୁ ମୁଁ କି ଭେଦ କରି ପାରିବି ଭାଇ । ତୁମ ଜୀବନର କରୁଣ କାହାଣୀ କହି ବସିଲେ ରାତି ସାରା ବିତିଯିବ, ଶୁଣି ଶୁଣି ପଥର ପାଲଟି ଯିବୁ କିଶୋର । ଭଗବାନଙ୍କ ରାଜ୍ୟରେ ମୁଁ ଗୋଟିଏ ହତଭାଗା ।

ଭୁଲ ନୁ— ବିଜୟ, ପଛ କଥା ଭାବି ଭାବି ତୁ ପାଗଳ ହୋଇଯିବୁ ଦେଖୁଛୁ— ଏତେ ଅଧୀର ହେଲେ ଚଳିବନି ଭାଇ ! ବିଧାତାର ଗତି ଏଡ଼ିବାକୁ ଶକ୍ତି କାହାର ? ଯାହା ହେବାର କଥା ତା ତ ନିଶ୍ଚୟ ହେବ, ପୁଣି ଥରେ ତୋତେ ଅନୁରୋଧ କରୁଛି ବିଜୟ, ପଛ କଥାକୁ ମନରୁ ପୋଛି ପକାଅ। ତୋର ଭଙ୍ଗା କୁଡ଼ିଆକୁ— ଗଢ଼ି ଉଠିବ ତୋର ଭଙ୍ଗା କୁଡ଼ିଆ ଘର । ସେଇଥିରେହିଁ ପାଇବୁ ଜୀବନ ଭରି ଆନନ୍ଦ, ଆଉ ତୋର ଭବିଷ୍ୟତ ଜୀବନ ପାଇଁ ମଙ୍ଗଳମୟଙ୍କର ଶୁଭ ଆଶୀର୍ବାଦ । ଠନ୍ ଠନ୍ ହୋଇ ଘଣ୍ଟାରେ ବାଜିଲା ନଅ । ଦୁହିଁଙ୍କ ଭାବନାରେ ପଡ଼ିଗଲା ପୂର୍ଣ୍ଣଚ୍ଛେଦ ।

## ସାତ

ସକାଳ ନଅଟା, ସୂର୍ଯ୍ୟଦେବ ପୃଥିବୀ ଉପରେ ଢାଳିଛନ୍ତି ତାଙ୍କ କିରଣ ସମୂହ ଧୀରେ ଧୀରେ । ମହାନଗରୀ କଲିକତା ସହର ରାସ୍ତାରେ ମୁଖରିତ ହୋଇ ଉଠିଛି । କେତେ ଟ୍ରାମ୍, ବସ୍ ସୁ ସୁ ହୁଁ ହେଁ ହୋଇ ମାଡ଼ି ଚାଲିଛନ୍ତି ତାଙ୍କର ଗନ୍ତବ୍ୟ ପଥରେ । କୋଠା ଉପର ରେଡ଼ିଓରୁ ସଙ୍ଗୀତ ମୃଦୁ ପବନରେ ଭାସି ଆସୁଛି । ଦୋକାନ ବଜାରରେ ଲୋକ ମେଳା ମେଳା ହେଉଛନ୍ତି । ରାସ୍ତା ଉପରେ ଶହ ଶହ ଜନତା ଅତି ବେଗରେ ଚାଲିଛନ୍ତି ତାଙ୍କର କର୍ମକ୍ଷେତ୍ରକୁ । ବଜାର ବସି

ହାତ୍ରୁ ଖସିଲା । ଏଥର ଖବର କାଗଜଖଣ୍ଡି ଖଣ୍ଡିଏ ଦେଉଥିଲେ । ଟୁଲ୍ ଠାରୁ ଖଟିଆରେ ପଡ଼ିଥିଲା ଖବର କାଗଜ ଉପରେ ଆଖି ବୁଲାଇ ଆଣିଲା ଲେଖକ କୁଳୁ ହଠାତ୍ ଆଖି ତାର ଅଟକି ଗଲା ଗୋଟିଏ ସ୍ତମ୍ଭ ଉପରେ । ଆରେ ଏ ଯେ ମଦନ ମୋର ଅତି ପରିଚିତ । ମନ ଦେଇ ଅତି ଆଗ୍ରହରେ ପଢ଼ିବାକୁ ଲାଗିଲା ବିଜୟ । ଲେଖାଅଛି—

ଗୋବିନ୍ଦ ପୁର [କଟକ] ୧୩-୧

ଆଜିକୁ ପ୍ରାୟ ଛଅମାସ ଧରି ଶ୍ରୀଯୁକ୍ତ ମଦନ ମୋହନ ଦାସ ଓ ତାଙ୍କ ସ୍ତ୍ରୀ ଶ୍ରୀମତୀ ବୀଣା ଦେବୀଙ୍କ ଦ୍ୱାରା କେତେକ ଉତ୍ସାହୀ ବାସିନ୍ଦାଙ୍କ ଉଦ୍ୟମରେ ଏଠାରେ ଗୋଟିଏ ସେବାଶ୍ରମ ଖୋଲା ଯାଇଛି । ଏହି ଅନୁଷ୍ଠାନର ନାମ "ବାପୁଜୀ ସେବାଶ୍ରମ" ରଖାଯାଇ ଅଛି । ଏହି ସେବାଶ୍ରମ ଖୋଲିବା ଦ୍ୱାରା ମଫସଲ ଅଞ୍ଚଳର ବହୁତ ଲୋକ ଉପକୃତ ହେଉ ଅଛନ୍ତି । ଏଠାରେ ନିରକ୍ଷରମାନଙ୍କ ପାଇଁ ନୈଶ ବିଦ୍ୟାଳୟ, ରୋଗୀଙ୍କ ପାଇଁ ଦାତବ୍ୟ ହୋମିଓପ୍ୟାଥିକ ଚିକିତ୍ସାଳୟ, ନିରାଶ୍ରୟମାନଙ୍କ ପାଇଁ ଆଶ୍ରମ ଓ ସ୍ତ୍ରୀଲୋକମାନଙ୍କ ପାଇଁ ନାରୀ ଶିକ୍ଷା କେନ୍ଦ୍ର ପ୍ରଭୃତି ଖୋଲାଯାଇ ଜନସାଧାରଣଙ୍କର କଲ୍ୟାଣ ସାଧନ କରାଯାଉଛି । ଏଥିପାଇଁ ସର୍ବସାଧାରଣଙ୍କର ମିଳିତ ସହାନୁଭୂତି ଓ ଆର୍ଥିକ ସାହାଯ୍ୟ ଏକାନ୍ତ ଆବଶ୍ୟକ ।

ଶ୍ରୀଯୁକ୍ତ ମଦନ ମୋହନ ଦାସ ତାଙ୍କର ସମସ୍ତ ସମ୍ପତ୍ତିକୁ ଆଶ୍ରମ ନାମରେ ଦାନ କରି ଅଛନ୍ତି । ସରକାରଙ୍କ ଠାରୁ ସାହାଯ୍ୟ ପାଇବା ପାଇଁ ଚେଷ୍ଟା କରା ଯାଉଛି ।

ଏଣୁ ଆମ୍ଭମାନଙ୍କର ବିନୀତ ଅନୁରୋଧ ଦେଶବାସୀ ଏ ଅନୁଷ୍ଠାନଟିକୁ ପୂର୍ଣ୍ଣ ଭାବରେ ସାହାଯ୍ୟ କରନ୍ତୁ । ଇତି ।

କିଶୋର ! ଦେଖି ଭାଇ, ପଢ଼ି ତ ଥରେ ଆମ ଗାଁର ଆଦର୍ଶ । ମୋର ସାଙ୍ଗ ମଦନ ଆଇ. ଏ. ପାଶ୍ କରି ଅତୀତର ଶିକ୍ଷାଧାରାକୁ କିପରି କାର୍ଯ୍ୟରେ ଲଗାଇ ଜନ ସାଧାରଣଙ୍କର ପ୍ରୀତିଭାଜନ ହୋଇ ପାରିଛି ।

ଧନ୍ୟରେ ଲୋକପ୍ରିୟ ମଦନ— ଧନ୍ୟ ତୋର କଳ୍ପନାର ଶକ୍ତିଧାରା, ଆଜି ସୁଦୂର କଲିକତାରେ ଥାଇ ତୋର ଏ କୃତିତ୍ୱ ପାଇଁ ଅଭିନନ୍ଦନ ଜଣାଉଛି ବନ୍ଧୁ । କଲେଜରେ କେତେ ଉଚ୍ଚକୋଟୀର ବକ୍ତୃତା ଦେଇ ଅଧ୍ୟାପକ ତଥା ଛାତ୍ର ଭାଇମାନଙ୍କର ଆପଣାର ହୋଇ ପାରିଥିଲୁ । ତୋର ସାଙ୍ଗ ପଢୁଆ ଭାଇ ମୁଁ— ଆଜି ନିଜର ଜନ୍ମଭୂମିକୁ ପାଶୋରି ପରର ଗୋଲାମୀ କରୁଛି ।

ଆଜି ମନେ ପଡୁଛି ଭାଇ ସନ ୧୯୫୦ ମସିହା ସାଧାରଣ ତନ୍ତ୍ର ଦିବସର ସେ ଶୁଭ ମୁହୂର୍ତ୍ତ କଥା । ଛାତ୍ରଙ୍କ ପ୍ରତି ସାଧାରଣ ତନ୍ତ୍ର ଦିବସର ବାଣୀ ଶୀର୍ଷକ ଯେଉଁ ପ୍ରବନ୍ଧ ଲେଖି ସଭାରେ ପଢ଼ିଥିଲୁ— କ୍ଷଣିକ ଉତ୍ତେଜନାରେ ସମସ୍ତଙ୍କ ମନରେ କି ଏକ ନୂତନ ଜାଗରଣ ଖେଳି ଯାଇଥିଲା । ପ୍ରିନ୍‌ସପାଲ ହସି ହସି କଲ୍ୟାଣ କରିଥିଲେ—ମଦନ ! ଭବିଷ୍ୟତରେ ତୁମେ ଜଣେ ଭାରତର ଆଦର୍ଶ ସନ୍ତାନ ହୋଇ ଦେଶର ସୁନାମ ରଖ । ସେହି ଆଶୀର୍ବାଦ ବଳରେ ତୁ ଆଜି ଏତେଦୂର ଆଗେଇ ପାରିଛୁ । କୃତଜ୍ଞତାରେ ହୃଦୟ ଭରି ଯାଉଛି । ମୁଁ ଆଜି କଲିକତାରେ ଥାଇ ଆଶୀର୍ବାଦ କରୁଛି ଭାଇ ତୋର ଭବିଷ୍ୟତ ଜୀବନ ପଥ ଉଜ୍ଜ୍ୱଳ ହେଉ । ହସି ହସି ଆଗେଇ ଯାଅ ତୋର ଚଲା ବାଟରେ । ମୁଁ ମାତୃଭୂମିର ଏକ ଅଭିଶପ୍ତ ସନ୍ତାନ, ଜନ୍ମ ହୋଇ ସଂସାରକୁ ଆସିଥିଲି ଖାଲି ଯନ୍ତ୍ରଣାରେ ପଡ଼ି ଛଟପଟ ହୋଇ ମରିବାକୁ । 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି ।' ମା ! ଏ ଅକୃତଜ୍ଞ ସନ୍ତାନ ତୋ ପାଇଁ କିଛି କରି ପାରିଲା ନାହିଁ ମା, ଅଭିଶାପ ଦେ, ତୋର ଅଭିଶାପରେ ଜଳି ପୋଡ଼ି ମୁଁ ପାଉଁଶ ହୋଇ ଯାଏ । ବାପାଙ୍କୁ ଅବଜ୍ଞା କରିଛି, ବୋଉଙ୍କ କଥାକୁ ତୁଚ୍ଛ କରିଛି— ଭଉଣୀକି ହତାଦର କରିଛି, ତା'ର ପ୍ରତିଫଳ ମୁଁ ନ ପାଇବି ତ ଆଉ ପାଇବ କିଏ ? କଳ୍ପନା କରି ହେଉ ନାହିଁ ମା, କି ଅଧମ ମୁଁ— ମୋର ସୁଦୂର ଭବିଷ୍ୟତର ଗତି କେଉଁଆଡ଼େ ? ମୃତ୍ୟୁ

ଘୁରି ଯାଉଛି— ସ୍ମୃତି ଥରି ଉଠୁଛି— ମନ ଭିତରେ ବିଦ୍ରୋହର ନିଆଁ ଜଳି ଉଠୁଛି । ସେହି ନିଆଁ ହିଁ ମୋ ଜୀବନର ଶେଷ ସମ୍ବଳ । ସେଇଥିରେହିଁ ମୋର ପରିସମାପ୍ତି ।

ଏଣେ ଦେଖିମ୍, ହଲେଇ ଦେଲା କିଶୋର, ଖଟ୍‌କିର ଅଟକି ଗଲା ବିଜୟ ।

ଏଣେ ଦେଖିଲୁଣି କାଗଜଟାର ପାଖରେ କ'ଣ ଲେଖା ହୋଇଛି !

କ'ଣ କିଶୋର ।

ଆରେ ଦେଖ୍‌ନା ।

କଅଣ ମ, କହୁ ନାହୁଁ ?

ଆରେ ତୋ ପାଖକୁ ଟେଲିଗ୍ରାମ ଆସିଛି ।

କାହିଁ— କଣ ସତରେ ନା ମିଛରେ କହୁଛୁ ?

ନେ ଏଇ ପଢ଼ୁ ।

କାହିଁ ଦେଖି ।

ଖବର କାଗଜଟାକୁ ଏକଧ୍ୟାନରେ ଦେଖି ନେଲା ବିଜୟ, ଲେଖା ଅଛି—

ବିଜୟ,

ତୁ ବର୍ତ୍ତମାନ କେଉଁଠି ? ବାପା ତୋର ପାଇଁ ଭାବି ଭାବି ପାଗଳ ହୋଇ ଗଲେଣି । ତାଙ୍କର ଏ ପାଗଳାମୀର ସୁଯୋଗ ନେଇ କେତେକ ଖଳ ପ୍ରକୃତିର ଲୋକ ନାନା କୁଶିକ୍ଷା ଦେଇ ସମସ୍ତ ସମ୍ପତ୍ତିକୁ ହସ୍ତାନ୍ତର କରି ନେବାକୁ ଲାଗି ପଡ଼ିଛନ୍ତି । ବୋଉ ତୋର ଶକ୍ତ ବେମାର— ଆଜିକୁ ଦୁଇମାସ ହେବ ଶଯ୍ୟାଶାୟୀ, ବେଳେ ବେଳେ କି ଆକୁଳ ପ୍ରାଣରେ ବିଜୟ ବିଜୟ ବୋଲି ଡାକି ଡାକି କାନ୍ଦି ପକାଉଛନ୍ତି । ତାଙ୍କ ପାଇଁ ମର ଲୋକରୁ ଡାକ୍ତର ଆସିଲାଣି । ଏଥର ବଞ୍ଚି ରହିବା ଅସମ୍ଭବ । ଘରର ଏ ସମସ୍ତ ଅବସ୍ଥା ଦେଖି ହେମ କାଠ ପାଲଟି ଗଲାଣି । ନ ଖାଇ ନ ପିଇ ଦିନସାରା କାନ୍ଦ କାନ୍ଦ

ମୁଣ୍ଡ ପିଟି ହେଉଛୁ । ଏପରି ଅବସ୍ଥାରେ ତୁ ଲୁଚି ରହିଲେ ଅନର୍ଥ ହେବ । ବିଜୟ ! ବାପା-ବୋଉ-ଭଉଣୀଙ୍କର ଯଦି ମଙ୍ଗଳ ଲୋଡୁ, ତେବେ ଶୀଘ୍ର ଘରକୁ ଫେରି ଆସି ଏମାନଙ୍କୁ ବଞ୍ଚାଅ । ଏହା ମୋର ଶେଷ ଅନୁରୋଧ ।

ଆଉ ପଢି ପାରିଲା ନାହିଁ ବିଜୟ— ଆଖିରୁ ଟପ୍ ଟପ୍ ହୋଇ ଲୁହ-ବୁନ୍ଦାଏ ଖସି ପଡ଼ିଲା । ମୁଣ୍ଡ ଘୁରିଗଲା— ଚତୁର୍ଦ୍ଦିଗ ଅନ୍ଧକାରମୟ ହୋଇ ଉଠିଲା— ଅଧୈର୍ଯ୍ୟ ହୋଇ କହିଲା— ଆଉ ସହି ପାରିବି ନାହିଁ କିଶୋର । ମୁଣ୍ଡ ମୋର କ'ଣ ହୋଇ ଯାଉଛି ଭାଇ, ମୋତେ ବଞ୍ଚା । ବାପା, ବୋଉ, ହେମ, କ'ଣ କଲି ମୁଁ ? ପାଗଳ ପରି ଏଣୁ ତେଣୁ ଗୁଡ଼ାଏ ବକି ବକି ବାରଣ୍ଡାରୁ ଗଡ଼ି ପଡ଼ିଲା ବିଜୟ । ଡର ଡର ହୋଇ ତାକୁ ଧରି ପକାଇଲା କିଶୋର, ଆସ୍ତେ ଆସ୍ତେ ଉଠାଇ ନେଇ ଶୁଆଇ ଦେଲା ଖଟ ଉପରେ । ଅପରାଧୀଟି ପରି ଖଟ ଉପରେ ପଡ଼ି ରହିଛି ବିଜୟ— ମୁହଁରେ ଅସଂଖ୍ୟ ଭାବନାର ଛାୟା । କିଶୋର ମୁଣ୍ଡ ପାଖରେ ବସି ପଙ୍ଖା କରିବାରେ ବ୍ୟସ୍ତ ।

× × ×

କାହିଁକି ମୋତେ ବଞ୍ଚାଇଲୁ କିଶୋର, ଏ ହତଭାଗା ଉପରେ କାହିଁକି ଏତେ ମମତା ଢାଳି ଦେଉଛୁ । ମୁଁ ବା ତୋର କିଏ, ଦୁଇ ଦିନର ପରିଚୟରେ ମୋତେ ଆପଣାର କରି ପାରିଛୁ । ମୁଁ କି ତୋ ଦାନର ପ୍ରତିଦାନ ଦେଇ ପାରିବି ଭାଇ । କ'ଣ ଦେବି— କ'ଣ ବା ଅଛି ମୋର ।

ତୁନି ହ ବିଜୟ, ବେଶୀ କଥା କହିବାକୁ ଡାକ୍ତର ବାବୁ ସବୁ ମନା କରିଛନ୍ତି, ତୁ ଏପରି ବାଳୁଙ୍କ ପରି ହେଲେ ମୁଁ ଘରଦ୍ୱାର ଛାଡ଼ି କେଉଁଆଡ଼େ ପଳାଇ ଯିବି ଭାଇ । ମୋ ରାଣ, ଚୁପ୍ ହୋଇ ଶୋଇ ପଡ଼ । ମୁଁ ଯାଉଛି ଦୁଧ ଟିକିଏ ଗରମ କରି ଆଣେ, ଶୋଷ ହେବଣି ।

ମୁଣ୍ଡରେ ହାତ ଦେଇ ସେଁ ସେଁ ହୋଇ କାନ୍ଦି ପକାଇଲା । ବ, ସୁ
ଆଖିରୁ ତତଲା ଲୁହଗୁଡ଼ାକ ବହି ଆସିଲା ମୁହଁ ଉପରକୁ । କହିଲା—
ପଳାଇ ଯିବୁ । ନା ଭାଇ— ବାପା, ବୋଉ, ଭଉଣୀ ସମସ୍ତଙ୍କୁ
ଛାଡ଼ିଛି, ବାକି ଥିଲୁ ତୁ । ଯା ଭାଇ ତୋ ସ୍ୱପ୍ନ ପୁରୀର ସଂସାରକୁ
ଫେରି ଯା, ସେଇଠି ମିଳିବ ଶାନ୍ତି । ମୁଁ ଏଇଠି ପଡ଼ି ଛଟପଟ ହୋଇ
ମରିବି । କେହି ଦୁଃଖ ହେବେ ନାହିଁ, କେହି ଦୁଃଖୀ ବି କରିବେ
ନାହିଁ ଭାଇ, ବାପାଙ୍କ ଅଭିଶାପ ଆଜି ଠିକ୍ ଫଳିଛି, ବୋଉଙ୍କର
ଛଟପଟା କରୁଣ ଚିତ୍କାର ଆଜି ଦାଉ ସାଧିବାକୁ ଆସିଛି । ମୁଁ ଆଜି
ତିଳେ ତିଳେ ଦଗ୍ଧ ହୋଇ ମରିବି । ଶୃଗାଳ କୁକୁରମାନେହିଁ ମୋ
ଶବ ସଂସ୍କାରରେ ସାହାଯ୍ୟ କରିବେ । ନା— ତାଙ୍କ ପାଇଁ ତ ମୁଁ
କିଛି କରି ପାରି ନାହିଁ ଭାଇ । ସେ ବି ଏ ପାପ ଜୀବନକୁ ଛୁଇଁବେ
ନାହିଁ । ଶେଷରେ ମ୍ୟୁନିସିପାଲିଟି ମେହେନ୍ତରମାନେହିଁ ମୋତେ
ଟୋଷାରି ଘୋଷାରି କେଉଁ ଏକ ନର୍ଦ୍ଦମା ମଧ୍ୟକୁ ଫିଙ୍ଗି ଦେବେ ।
ସେହି ଅନ୍ଧକାରମୟ ନର୍ଦ୍ଦମା ମଧ୍ୟରେ ପଚି ସଢ଼ି ମୋ କଲା କର୍ମର
ପ୍ରାୟଶ୍ଚିତ୍ତ କରିବି ।

କିଶୋର ଏତିକିବେଳେ ଗୋଟିଏ ଗ୍ଲାସରେ ଦୁଧ ଟିକିଏ ଧରି
ପହଞ୍ଚିଲା । ବିଜୟ ପୂର୍ବପରି ବକି ଚାଲିଥାଏ । ତାର ଏ ପ୍ରକାର
ପରିସ୍ଥିତି ଦେଖି କିଶୋର କହିଲା— ତୁ କଣ ବିଜୟ ! କାହିଁକି ସବୁ-
ବେଳେ ମୁଣ୍ଡ ଭିତରେ ଦୁଶ୍ଚିନ୍ତା ଭରି କରୁଛୁ କହିଲୁ ? ତୋତେ
ପରା ମନା କରିଥିଲି ପାଟିତୁଣ୍ଡ କରନୁ ନାହିଁ । ଖାଲି ସବୁବେଳେ
ପାଗଳଙ୍କ ପରି ହେଉଛୁ କାହିଁକି ? ଉଠ୍— ବସ୍— ନେ ଏ ଦୁଧ
ଟିକକ ପିଇ ଦେ— ଉଠ୍—

ନାଁ କିଶୋର, ଶୋଷ ହେଉନାହିଁ, ରଖି ଦେ ପୁଣି ଶୋଷ ହେଲେ
ଦେବୁ ।

ଅରେ ନେ, ଅଳ୍ପ ଟିକିଏ ପିଇ ଦେ । କିଶୋର ବିଜୟର ମୁଣ୍ଡକୁ

ଦୁଇ ହାତରେ ଟେକି ଉଠାଇ ବସାଇଲା । ତା ମୁହଁ ଧୋଇ ଦେଇ ଦୁଧ ଗ୍ଲାସଟି ତା ମୁହଁ ପାଖରେ ଦେଖାଇଲା । ଦୁଇ ଢୋକ ପିଇ ପୁଣି ଧୀରେ ଧୀରେ ଶୋଇ ପଡ଼ି କହିଲା— କିଶୋର ମୋ ପାଇଁ କେତେ ହଇରାଣ ନ ହେଉଛୁ କହିଲୁ । ଯା ଭାଇ ଦୁଇଟା ଖାଇ ଦେଇ ଆସିବୁ । ମୋ ପାଇଁ ଭାବି ଭାବି ଶେଷରେ ତୁ ବି ମୋ ପରି ଶୋଇବୁ ଦେଖୁଛି । ଯା ଭାଇ ଡେରି ହେଲାଣି ।

ତୁ ଚୁପ୍ ହୋଇ ଶୋଇ ପଡ଼ ତ ମୁଁ ଯିବି ନଚେତ୍ ନ ଖାଇ ନ ପିଇ ଏଇଠି ତୋତେ ଜଗି ବସିଥିବି ।

ନା ମୁଁ ଆଉ ପାଟି କରିବି ନାହିଁ କିଶୋର— ଯା ଭାଇ କେତେ ଦୁଃଖକଷ୍ଟ ହେଉଛୁରେ ଏ ସୃଷ୍ଟିଛଡ଼ାଟା ପାଇଁ । ମୁଁ କି କେବେ ତୋର ଉପକାରରେ ଆସିବି?

ଅରେ ପୁଣି ସେଇ କଥା । ମୋ ରାଣ, ତୁ ଟିକିଏ ଶୋଇ ପଡ଼ ଦୁଇଟା ବାଜିଲାଣି ଯେ, ତିନିଟା ବେଳେ ପୁଣି ଡାକ୍ତର ବାବୁ ଆସି ଯଦି ଦେଖନ୍ତି ତୁ ଏପରି ପାଟିତୁଣ୍ଡ କରୁଛୁ ତେବେ ମୋ ଉପରେ ବିରକ୍ତ ହେବେ ।

ନା ଭାଇ ମୁଁ ଚୁପ୍ ହୋଇ ଶୋଇ ପଡ଼ୁଛି ତୁ ଯା । କର ଲେଉଟେଇ ଚଦର ଢାଙ୍କି ଢୁଙ୍କି ହୋଇ ଶୋଇ ପଡ଼ିଲା ବିଜୟ । କିଶୋର ତାଙ୍କୁ ଭଲ ଭାବରେ ଚାହିଁ ବାହାରିଗଲା ହୋଟେଲ୍‌କୁ ।

× × ×

ସମୟ ତିନିଟା, କିଶୋର ସହିତ ଡାକ୍ତର ବିମଳ ବାବୁ ଗପସପ କରି ଆସି ପହଞ୍ଚିଲେ ବସାରେ । ଡାକ୍ତର ବାବୁ ବେଗରୁ ଷ୍ଟେଥସ୍କୋପ୍‌ଟାକୁ ବାହାର କରି କାନରେ ଦେଇ ବିଜୟକୁ ପରୀକ୍ଷା କରି ସାରିଲା ପରେ କିଶୋର ପଚାରିଲା— ଡାକ୍ତର ବାବୁ ! ଅବସ୍ଥା କିପରି ଦେଖୁଛନ୍ତି ?

ଡାକ୍ତର ବାବୁ କହିଲେ—ଅବସ୍ଥା ଢେର୍ ପରିବର୍ତ୍ତନ ହୋଇ ଯାଇଛି କିଶୋର ବାବୁ , ଆଉ କୌଣସି ଚିନ୍ତା କରିବା ଦରକାର ନାହିଁ ।

ରୋଗୀ ଭଲ ଆଡ଼କୁ ଗତି କରୁଛି । ହଁ କିଶୋର ବାବୁ, ଯାଆନ୍ତୁ ତ ଟିକିଏ ଗରମ ପାଣି କରି ଆଣିବେ । ମୁଁ ଆଉ ଗୋଟିଏ ଇଞ୍ଜେକ୍ସନ ଦେଇଯିବି । ଆଉ ବୋଧହୁଏ ମୋର ଆସିବା ଦରକାର ପଡ଼ିବ ନାହିଁ ।

ନାଁ ଡାକ୍ତର ବାବୁ ସେପରି କହିଲେ ହେବ ନାହିଁ । ବେଳେ ବେଳେ ତା ମନରେ ଯେପରି ମାନସିକ ଦୁଶ୍ଚିନ୍ତା ଦେଖା ଯାଉଛି, ଆପଣ ଅନ୍ତତଃ ଦୁଇ ତିନିଦିନ ପର୍ଯ୍ୟନ୍ତ ନ ଆସିଲେ ହେବ ନାହିଁ । ଟଙ୍କା ପାଇଁ ଭାବିବେ ନାହିଁ । ଯାହା ଟଙ୍କା ଖର୍ଚ୍ଚ ହେବ ମୁଁ ସମସ୍ତ ଦେବାକୁ ପ୍ରସ୍ତୁତ ଅଛି ।

ଆଚ୍ଛା, ଆପଣ ଟିକିଏ ତା ପାଖରେ ବସନ୍ତୁ, ମୁଁ ଗରମ ପାଣି ଟିକିଏ କରି ଆଣେ । ଏହା କହି କିଶୋର ଚାଲିଗଲା ବାହାରକୁ ।

ଡାକ୍ତର ବିମଳ ବାବୁ ବିଜୟ ପାଖରେ ବସି ରହିଲେ । ବିଜୟ ଆଖି ଖୋଲି ଡାକ୍ତର ବାବୁଙ୍କ ଆଡ଼କୁ କରୁଣ ଦୃଷ୍ଟିରେ ଚାହିଁଲା । ଡାକ୍ତର ବାବୁ ପଚାରିଲେ— ବିଜୟ ବାବୁ ! ଦେହ କିପରି ଲାଗୁଛି ।

ଟିକିଏ ଭଲ ଲାଗୁଛି ଡାକ୍ତର ବାବୁ କିନ୍ତୁ ସମୟେ ସମୟେ ମୁଣ୍ଡଟା କାହିଁକି ଘୂରେଇ ଦେଉଛି । ମୁଁ କ'ଣ ବଞ୍ଚିବି ଡାକ୍ତର ବାବୁ । ଭେ ଭେ ହୋଇ କାନ୍ଦି ପକାଇଲା ବିଜୟ ।

ବିମଳ ବାବୁ ଆଶ୍ୱାସନା ଦେଇ କହିଲେ— ଏପରି ବ୍ୟସ୍ତ ହେଲେ ହେବନି ବିଜୟ ବାବୁ, ଆପଣ ନିଶ୍ଚୟ ଭଲ ହୋଇଯିବେ । ଦିନେ ଦୁଇଦିନ ମଧ୍ୟରେ ରୋଗ ସମ୍ପୂର୍ଣ୍ଣ ଛାଡ଼ିଯିବ । ମୁଁ ତ ସବୁବେଳେ ଆପଣଙ୍କ ପାଖେ ପାଖେ ଅଛି । ସେଥିପାଇଁ ଚିନ୍ତା କରିବା ଦରକାର ନାହିଁ । ଆପଣ ନିଶ୍ଚିନ୍ତ ରହନ୍ତୁ ।

ଏତିକିବେଳେ କିଶୋର ଗୋଟିଏ ପାତ୍ରରେ ଗରମ ପାଣି ଆଣି ପହଞ୍ଚି ଦେଖେ ତ ବିଜୟ କାନ୍ଦୁଛି । ଅନ୍ତର କାନ୍ଦି ଉଠିଲା କିଶୋରର, ବିଜୟକୁ ବୁଝା ଇବାକୁ ଯାଇ କାନ୍ଦି ପକାଇଲା ସେ । ଅନ୍ୟଟ

ସମସ୍ୟା, ଅନ୍ୟ କୋଣର ନାଟ୍ୟ ବନ୍ଧନ, ଦୁହିଁଙ୍କ କାନ୍ଦଣାରେ ସ୍ନେହ କୋଠରୀଟି ଥର ଉଠିଲା । ବିମଳ ବାବୁ ବହୁତ ବୁଝାବୁଝି କରି ଭୁଲି ଯାଇଥିଲେ ଦୁହିଁଙ୍କୁ । କହିଲେ ଆପଣମାନେ ଯଦି ଏପରି ଅସ୍ଥିର ହେବେ, ତେବେ ମୋର ଆସିବା କିଛି ଦରକାର ନାହିଁ । ଏପରି ମାନସିକ ଦୁଶ୍ଚିନ୍ତା ଯଦି ମୁଣ୍ଡରେ ପଶେ, ତେବେ ଔଷଧ ଖାଇ ଲାଭ କଅଣ ? ଚୁପ୍ ହୋଇଗଲା କିଶୋର, ପକେଟରୁ ରୁମାଲ ବାହାର କରି ବିଜୟ ଆଖିରୁ ଲୁହ ପୋଛି ଦେଲା ସେ । କିଛି ସମୟ ପରେ···
ଡାକ୍ତର ବାବୁ ବ୍ୟାଗରୁ ଔଷଧ ଶିଶି ଓ ସିରିଞ୍ଜଟାକୁ କାଢିଲେ । ସିରିଞ୍ଜଟାକୁ ଗରମ ପାଣିରେ ଟିକିଏ ଭଲକରି ଧୋଇ ଦେଲେ । ତା ପରେ ତାକୁ ଭଲ ଭାବରେ ଝାଡ଼ି ପାଣିଗୁଡ଼ିକ ବାହାର କରିଦେଲେ । ଶିଶିଟି ଖୋଲି ତା ଭିତରୁ ଔଷଧ ନେଇ ଭର୍ତ୍ତି କଲେ ସିରିଞ୍ଜରେ, ବିଜୟର ବାଁ ହାତରେ ଇଞ୍ଜେକସନ୍ ଟିଏ ଦେଲେ । ବିଜୟ ନିର୍ଜୀବ ଭଳି ପଡ଼ି ରହିଥାଏ । ଡାକ୍ତର ବାବୁ କହିଲେ କିଶୋର ବାବୁ ଠିକ ହେଲେ ସାମାନ୍ୟ ଫଳ କିଛି ଦେଇପାର, ମୁଁ କି କାଲିକରି ଆସିବି, ଅଜି କ'ଣ ?

ନାଁ ଆଜି କିଛି ଦରକାର ନାହିଁ ଡାକ୍ତର ବାବୁ । ଆପଣ ସେପରି ଦିନରେ ଅନ୍ତତଃ ଥରେ ଦୁଇଥର ଆସି ରୋଗୀକୁ ଦେଖି ଯାଉଥିବେ । ଏହା କହି ମନିବ୍ୟାଗରୁ ତିନିଟେଣ୍ଟି ଦଶଟଙ୍କିଆ ନୋଟ ବାହାର କରି ଡାକ୍ତର ବାବୁଙ୍କ ହାତକୁ ବଢାଇ ଦେଲା କିଶୋର ।

ଡାକ୍ତର ବାବୁ "ନମସ୍କାର" କହି ବାହାରି ଗଲେ ମଟର ଭିତରକୁ । କିଶୋର ଏକ ଦୃଷ୍ଟିରେ ଅନାଇ ରହିଥାଏ ଡାକ୍ତର ବାବୁଙ୍କ ଆଡ଼େ ।

# ଆଠ

ହେମ ବୋଉ ଡ଼ାକିଲେ— ହେମ,

ମୁହଁ ଶୁଖେଇ ଦେଇ ହେମ କହିଲା— କ'ଣ ଗଉ ।

ମା' ଆଜି ପରା ତୋ ଶ୍ୱଶୁର ଘର ପାଖରୁ ଲୋକ ଦିନ ଠିକ୍ କରିବାକୁ ଆସିବେ, ଗୁଲି ମା' ମୁଣ୍ଡଟାକୁ ଟିକିଏ ବାନ୍ଧି ଦେବୁ । ସବୁବେଳେ ଏମିତି ପାଗଳୀଙ୍କ ପରି ହେଲେ କ'ଣ ହେବ ମା, ତୁ ତ ଆଉ କୁଆ ପିଲା ନୁହଁ ଯେ ବଟେଇବି । ତୋ କପାଳରେ ଯାହା ଅଛି ତାକୁ ତ ମା' ଭୋଗ କରିବାକୁ ହେବ । ମୁଁ ତ ଝିଅ ଜନମ ଦେଇଛି ବୋଲି କରମ ଦେଇ ନାହିଁ । ତୋର ପାଇଁ ଘରେ କେତେ ଅନର୍ଥ ତ ଦେଖୁଛୁ, ତୋ ବାପାତ ମୋ ସାଙ୍ଗରେ ସବୁବେଳେ କଜିଆ କରୁଛନ୍ତି । ସବୁବେଳେ କହୁଛନ୍ତି— ହେମ ବୋଉ, ତମେ ଝିଅଟାକୁ ବିଗାଡ଼ି ଦେଉଛ, ଯଦି ବିଗାଡ଼ୁଛ— ତା ହେଲେ ଘରଦ୍ୱାର ତୁମର ରହିଲା ମୁଁ ଯାଉଛି, ତୁମେ ଆନନ୍ଦରେ ରୁହ । ମୁଁ ବଇକୁଣ୍ଠ ଦଉଡ଼ି ହାତେ କ'ଣ ପାଇବି ନାହିଁ, ନ ହେଲେ ଶେଷ ଭରସା ବାଡ଼ି ପୋଖରୀ ତ ଅଛି, ସେଇ ମୋତେ ହସି ହସି ତା କୋଳକୁ ଡ଼ାକି ନେବ ।

ଶୁଣିଲୁ ତ ଝିଅ, ମୋତେ ଦୋଷ ଦେଇ ଲାଭ କ'ଣ ମା । ଭାଇ ତ ଯାଇଛି ଆଜିକୁ ତିନି ବରଷ ହେଲା ପୁଣି ବାପା ତ ଯିବେ । ଏଥିରେ ବଳଭଦ୍ର ଚୌଧୁରୀଙ୍କୁ ସୁବିଧା ପଡ଼ିବ ତୋ ଉପରେ ଜବରଦସ୍ତି କରିବାକୁ । ଏଇଟା କ'ଣ ଭଲ ହେବ ମା । ସେଥି ଭୟରେ ଗୁରୁଅଣ୍ଡିଙ୍କୁ ଗୁହାରି ହିଁ ମାରୁଛି । ନଇଲେ ମୁଣ୍ଡ ଛୁଡ଼ି ଯାଇଥାନ୍ତା ପଛେ ଜିଦ ଛାଡ଼ି ନ ଥାନ୍ତି ।

ଭିତରୁ ଦାଦେ ଡାକିଲେ ହେମ ବୋଉ— ଏ ହେମ ବଉ, ଅରେ ସେଠି କ'ଣ କରୁଛ ମ ? ଇଆଡ଼େ ଟିକିଏ ଦେଖା ଶୁଣା କର ।

ମୁଁ ଯାଉଛି ବୋଲି ହେମ ବୋଉ କହିଲେ-ହେମ । ତୁନି ହ ମା, ଅଛ ପରେ

ଶୁଭ ଲଗ୍ନରେ ମନ ଖରାପ କର ନା ମା, ଅକଲ୍ୟାଣ ହେବ । ଅ ମା, ମୁଣ୍ଡଟାକୁ କାନ୍ଧ ଦେବ ।

ହେମ ବାଜ ଗୁଲିଗଲେ ଭିତରକୁ । ହେମ ଏକୁଟିଆ ବସି ରହିଲା ତା ଶୋଇଲା ଘର ଭିତରେ । ମନଟା ବିଦ୍ରୋହୀ ହୋଇ ଉଠିଲା ହେମର । କହିଲା କେଡ଼େ ଲକ୍ଷ୍ମୀଶୀଳା ମୁଁ । ସେଦିନ ବୀଣା ଦେବୀଙ୍କ ପାଖରେ ନିଶ୍ଚୟ କରି ଆସିଥିଲି ବିବାହର ପ୍ରତିବାଦ ପାଇଁ କିନ୍ତୁ ପାଟିଟାକୁ କିଏ ମୋର ଜୋର କରି ବନ୍ଦ କରିଦେଲା— ମନର ଆଶା ମନରେ ମଲା, ଫଳ କିଛି ହେଲା ନାହିଁ । ବାପା, ବଳ କ'ଣ କଲ, କାନ୍ଦି ପକାଇଲା ହେମ— ମୁଣ୍ଡଟାକୁ ବାଡ଼େଇ ଦେଲା ଖଟ ଉପରେ । ଭଗବାନ, ତୁମେ କ'ଣ ନାହିଁ— ତୁମରି ବାହୁ ଛାୟା ତଳେ ମୋତେ ଆଶ୍ରୟ ଦିଅ ଭଗବାନ । ମୋତେ ଜଳେଇ ପୋଡ଼େଇ ମାରିବା ପାଇଁ କ'ଣ ତୁମର ଇଚ୍ଛା ? କେତେ ରାତି ରହି ଅନିଦ୍ରା ହୋଇ, ଆଖିରୁ ଲୁହ ଢାଳିଛି । କେତେ କାନ୍ଦି କାନ୍ଦି ଆଖିପତା ଫୁଲି ଯାଇଛି, ତଥାପି ଶୁଣିଲ ନାହିଁ ଦେବତା, ହେଉ ଏଥର ତୁମର ଇଚ୍ଛାହିଁ ପୂର୍ଣ୍ଣ ହେଉ, ଏଥର ମରଣହିଁ ମୋର ଶେଷ ସମ୍ବଳ— ମୁଁ ମରିବି, ବିଷ ଖାଇବି, ତଥାପି ବଳଭଦ୍ର ଚୌଧୁରୀଙ୍କୁ ବିବାହ ହେବିନି ।

ବୀଣା ଅପା, ଏ ଶେଷ ମୁହୂର୍ତ୍ତରେ ମୋତେ ବୁଦ୍ଧି ଦେଇ ଯାଅ ଭଉଣୀ, ଦେଖିଯାଅ ତୁମ ସାନ ଭଉଣୀର ଅବସ୍ଥା । କି ବିକଳରେ କାନ୍ଦି କାନ୍ଦି ଛଟପଟ ହୋଇ ମରୁଛି । ଭାଇ, ତୁମେ ବି ଆସିଲ ନାହିଁ— କେତେ ଆଶା କରି ଅନାଇ ବସିଥିଲି । ସମସ୍ତେ କ'ଣ କୁଟ କରିଛ ମୋର ମରଣ ଦେଖିବା ପାଇଁ । ସବୁ ଚେଷ୍ଟା, ସବୁ ଆଶା ଭରସା କ'ଣ ବିଫଳ ହେବ ଭାଇ, ଏ ପୋଡ଼ା କପାଳରେ କ'ଣ ଏଇଆ ଲେଖାଥିଲା ।

ଏତିକିବେଳେ ଶୁଭ ଶଙ୍ଖ ବାଜି ଉଠିଲା । ହୁଳହୁଳି ଶବ୍ଦରେ ଦାସଙ୍କ ଘର ପୂରି ଉଠିଲା— ଥରି ଉଠିଲା ହେମର ଦେହ, ଢଳିଗଲା

ତାର କଳ୍ପନାର ଚନ୍ଦ୍ରାଧାର । ତୋ ତା କର ଦୁଇ ଗୁହଅର ମୁଣ୍ଡଟାକୁ ପିଟିଦେଲା ଖଣ୍ଡ ଦେହରେ । କଇଁ କଇଁ ହୋଇ କାନ୍ଦ ପକାଇଲା ସେ, ନିର୍ଜୀବ ଶରୀରଟିକୁ ଲୋଟାଇ ଦେଲା ଭୂମି ଉପରେ ।

ଆଜି ମଧୁ ଦାସଙ୍କ ଗୋଡ଼ ତଳେ ଲାଗୁନାହିଁ । ବଡ଼ଘରୁ ନାମଜାଦା ଜ୍ୱାଇଁ ପାଇବେ, ମାନ୍ ବଢ଼ିବ, ସମ୍ମାନ ପାଇବ । ଏତେ ସୁବିଧା କ କଏ ଛାଡ଼େ । ହେମ ବୋଉ ମଧ୍ୟ ପାରି ପର ଲାଗି ଯାଇଛନ୍ତି ଘର କାମରେ ।

ତେଣେ ହେମ ସକାଳ ପହରୁ ନ ଖାଇ ନ ପିଇ ପଡ଼ି ରହିଛି— ସେ ଅଡ଼କୁ କାହାର ନଜର ପଡ଼ୁ ନାହିଁ । ଯାହା ପାଇଁ ତାଙ୍କ ପାଦ ତଳେ ଲାଗୁ ନାହିଁ— ଯାହା ପାଇଁ ଏତେ ଆନନ୍ଦ ଉତ୍ସବ ଲାଗିଛି ସେ ମଲା କି ଗଲା ତା ଖବର ଭୁଲ୍‌ରେ ସୁଦ୍ଧା କେହି ବୁଝୁ ନାହାନ୍ତି । ଧନ୍ୟ ଧନ୍ୟରେ ବାପା ମା, ଧନ୍ୟ ତୁମର ଝିଅ ପ୍ରତି ମାୟା ମମତା ଆଉ ହୃଦୟ ଭରା ସ୍ନେହ । ପରିସ୍ଥିତିର ସୁଯୋଗ ନେଇ ଅଭାବଟା କଣ କରି ନ ପାରେ ?

••• ••• •••

ଝିଅ ପିଆର ଧୂମ୍‌ଧାମ୍ ସଙ୍ଗେ ସଙ୍ଗେ ଆଇଲା-ଗଲାଙ୍କର ଚହଳ ବଢ଼ି ଯାଇଛି । ଦିନ ଧରାଯିବ— ଖଡ଼ିରତ୍ନଙ୍କ ଗୃହ ପାଖରେ ପିଲା, ଛୁଆ, ବୁଢ଼ା, ଟୋକା ଜମା ହୋଇଛନ୍ତି । ଶୁଭ ବେଳା ଦେଖି ଅଗଣୀ ଖଡ଼ିରତ୍ନେ "ମଙ୍ଗଳଂ ଭଗବାନ ବିଷ୍ଣୁ, ମଙ୍ଗଳଂ ଗରୁଡ଼ ଧ୍ୱଜଃ" ଇତ୍ୟାଦି ମଙ୍ଗଳାଷ୍ଟକ ପଢି ଖଡ଼ି ଗାର କାଟି ଗଣନାରେ ଲାଗି ପଡ଼ିଲେ । ହେମ ବୋଉ ମସଲା ଦିଆ ପାନ ଗୁଡ଼ାଏ ଭାଙ୍ଗି କାଚ ଥାଳିଆରେ ସଜାଇ ଆଗନ୍ତୁକଙ୍କ ପାଖକୁ ପଠାଇ ଦେଲେ ।

କିଛି ସମୟ ପରେ ଖଡ଼ିରତ୍ନ ମହାଶୟ ଚଷମାଟାକୁ ନାକ ଅଗକୁ ଖସାଇ ଦେଇ କହିଲେ— ଦାସେ, ସବୁ ଠିକ୍ ଭାବେ ପଡ଼ିଛି । କେଉଁଠି ସୂତା ପ୍ରମାଣେ ଭୁଲ ନାହିଁ । ଏତେ ଅଚ୍ଛେ ମୁଁ ଜ୍ୟୋତିଷ ଦଣ୍ଡ-

ସମ୍ମେଳନ କରନ୍ତୁ, ଏପରି ସମ୍ମେଳନ କେଉଁଠି ହୋଇ ନ ଥିଲା । ତେଣୁ, ଏଥର କେବଳ ଦିନ ଠିକ୍ କରିବା କଥା— ଜ୍ୟେଷ୍ଠ ଦଶହରା ନା ସାତର ଦିନ ନା ପଚିଶି ଦିନ, ଏ ଦୁଇଟି ଦିନ ମଧ୍ୟରୁ ତୁମର ସୁବିଧା ଅସୁବିଧା କଥା କହୁଥାଅ ।

ଦାସେ ଟିକିଏ କଣେଇଁ ହସି ଦେଇ କହିଲେ— ଦେଖୁଛ ତ ଖୁଡ଼ୀ ରହନ୍ତୁ, ଏ ଜ୍ୟେଷ୍ଠ ମାସ— ନାହିଁ ନାହିଁ ପଦ ମେଘ ଅସ୍ରାଏ ପିଟି ଦିଏ ସବୁ ଆୟୋଜନ ମାଟି ହୋଇଯିବ । ଆଜି ତ ଜ୍ୟେଷ୍ଠର ତିନି ଦିନ ହେଲା— ପନ୍ଦର ଦିନଟି ହେଉ— ମେଘ ପାଣି ସେମିତି ଜୋରିକା ହୋଇ ନ ଥିବ, ଦରକାର ପଡ଼ିଲେ ଲୋକ ଧାଇଁ ଯାଇଁ କେଉଁଠୁ ହେଲେ ଗୋଟେ ଜିନିଷ ଆଣି ପାରିବ । ସେହି ଦଶଦିନ କଥାଟା ସାର କର । ନାଁ । କଅଣରେ ଗୋବର୍ଦ୍ଧ ।

ଗୋବର୍ଦ୍ଧନ ବିଡ଼ିଟାକୁ ଦୁଇ ଦମ୍ ଟାଣି ଦେଇ ଧୂଆଁ ଗୁଡ଼ୁ ଗୁଡ଼ୁ କହିଲା— ହଁ ସେଇଆ କର ସୁବିଧା ହେବ । ଏକାଠିଆ ଲୋକଙ୍କୁ ଶୁଖିଲା ଆକଳା ପାଗ ହେଲେ ଭଲ ହେବ । ଲୋକମାନେ ସୁଖରେ ଦୁଇଟା ଖାଇ ପାରିବେ, ବସି ପାରିବେ, ବାହାଘରଟା ବି ସୁରୁଖୁରୁରେ ହୋଇ ପାରିବ, ହଁ ସେଇଆ କର ଦାଦା— ଆଉ କାହା କଥାରୁ କିଣ ପାଇବ ।

ଘର ଭିତରୁ ବି ସେଇଆ ହୁକୁମ ଆସିଲା— ସମସ୍ତଙ୍କ ମନକୁ ସେ କଥାଟା ଠିକ୍ ପାଇଲା । ସେହି ମତ ଅନୁସାରେ ଆଷାଢ଼ ଦଶମ ମଙ୍ଗଳବାର ଦିନଟି ସ୍ଥିର କରାଗଲା । ଶୁଭ ଚିଠାଉ ଲେଖା ହୋଇ ସେହି ଖଣ୍ଡିଆରଙ୍କ ହାତରେ ଚୌଧୁରୀଙ୍କ ପାଖକୁ ପଠାଗଲା । ଦିନ ଧରା କାମ ଶେଷ ହେଲା । ଚୌଧୁରୀଙ୍କ ତରଫରୁ ଆସିଥିବା ଲୋକ ଟୁଡୁରା ପୁଅ ଘର ବିପିନ ବାବୁ ଆଣିଥିବା ଜିନିଷ ବାହାର କଲେ । ଝିଅ ପାଇଁ କଲିକତା ଫୁଲ୍, ବେକକୁ ପାଞ୍ଚଭରି ଓଜନର ଚେନ, ହାତକୁ ତିନିପଟ ଲେଖାଏଁ ଡାଇମଣ୍ଡକଟା ଚୁଡ଼ା କଙ୍କଣ ପାଟ ଶାଢ଼ୀ, ବ୍ଲାଉଜ୍, ସାୟା ଯାହା ତାଙ୍କର ଚଳଣି ସେ ସୁଦ୍ଧା

ଭିତିର ବାନ୍ଧୁ ଉନ୍ମେଳ ହେଲେ ଶତ୍ରୁ ଦାସଙ୍କ ହାତକୁ । ପାଞ୍ଚଜଣ ଅଣ୍ଟି ପକେଇ ନେଲେ । ସେଥିରେ ଦାସେ ଟିକିଏ ଭଲ ଲାଗିଲା ଅଣ୍ଟି ପକେଇ ଖେଲି ହେମ ବୋଉଙ୍କ ପାଖରେ ରାଜନ୍ତୁ— ହସି ହସି ନେଗୁଡ଼ିକ ସଜାଇ ଦେଲେ ହେମ ବୋଉଙ୍କ ହାତକୁ ।

ସଙ୍ଗେ ସଙ୍ଗେ ଘର ଭିତରେ ନାରୀ ମହଲରେ ଭଲେମ ଅଧିବେଶନ ବସିଗଲା— ଗହଣା ଗଣ୍ଠି, ଲୁଗାପଟା ଦେଖା ଦେଖି ଚାଲିଲା, ଦେଖି ଦେଖି ନାତଅ ମା ବୁଢ଼ୀ ହାତ ଟେକି କହିଲା— ଅଲୋ ସବୁତ ହେଲା ହାତକୁ, କାନକୁ, ବେକକୁ ଆଉ ନାକକୁ କ ଗୋଡ଼କୁ ତ କାହିଁ କିଛି ନାହିଁଲୋ— ଏତେ ଟଙ୍କା ଯାଉଛି ଅଉ ବୋଡ଼ଏ କା ପଚାଶ ଟଙ୍କା ସାର ନୋଲକ ଖଣ୍ଡେ କି ମଣ୍ଡି ଝୁଲେ ଦେଇ ପାରିଲା ନାହିଁକା !

ସୁଲୁତା ମା ଉର ଉର କରି କହି ପକାଇଲା— ନାଇଁଲୋ ଆଉ ଦେଇ ନ ଥାନ୍ତା କାହିଁକି ? ଆଜିକାଲି ଏସ ପାଠ ପଢୁଆ ଝିଏ ତାଙ୍କୁ ଆଉ ନାକ ନାହାନ୍ତି । ସେ ସବୁ ତାଙ୍କ ପସନ୍ଦକୁ ଆସୁ ନାହିଁ ।

କହିଲା, କାହିଁକି ପସନ୍ଦ ହେବ ନାହିଁ ? ମୁହଁ ଉପରେ ନାକ ଥାଉ, ନୋଲକ ଖଣ୍ଡି କେତେ ସୁନ୍ଦର ଦେଖାଯାନ୍ତା । ଆମ ଖାଇ ଭଜୁଆ ଝିଅକୁ ତ ଦେଖିଛୁ— ହାତ, ଗୋଡ଼, ନାକ, କାନ ସବୁଥିରେ ତ ଗହଣା ଅଛି— କମିତ ଲକ୍ଷ୍ମୀ ଠାକୁରାଣୀଙ୍କ ପରି ଦେଖା ଯାଉଛି ? ଆମେ ତ ଟେପରୁ ବୁଢ଼ୀ ହେଲୁଣି ସେଥିପାଇଁ ଦଣ୍ଡୀ ଗୁଣା ଖଣ୍ଡ ନାକରେ ଅଛି ।

ହଁ ଲୋ ଆଉ, ତା ନୁହେଁ କ'ଣ ? ହେଲେ ଏ ସବୁ ଇଂରେଜ ରଜା ଅମଲ । ଆମେ କ'ଣ ଝିଅ କି ବୋହୂ ହୋଇ ନ ଥିଲେ, ମୁଣ୍ଡରୁ ତ ଆଜି ପର୍ଯ୍ୟନ୍ତେ ଲୁଗା ଟିକିଏ ଖସିଲେ ବାହାରି ପାରୁ ନାହିଁ । ଗୋଟେ ଦୁଇଟା ପିଲାର ମା' ହେବା ପର୍ଯ୍ୟନ୍ତ ଧାଡ଼ି ଲୋକ କଥା ତ ଅଲଗା— ଶଶୁର ବୁଢ଼ା ଆମ ମୁହଁ ଦେଖି ନ ଥିଲେ । ଏବେକା ଝିଅ

ବୋହୂ ତ ଢଙ୍ଗରୁ ମୁଣ୍ଡରୁ ଲୁଗା କାଢି ହେଁ-ହେଁ ଫେଁ-ଫେଁ ହୋଇ ବନ ବ ପନ୍ଥରେ ଲୋକାଙ୍କ ସାଙ୍ଗରେ ଥଟ୍ଟା ତାମସା କରୁଛନ୍ତି । ବାପ-ମା ତ ମୁହଁ ଦେଇଛନ୍ତି— ଆମେ କ'ଣ କରିବା ।

ଆଲୋ ଯୁଗଟା ବାଜୁଣ୍ଗା, କହିବା କାହାକୁ— ଦେଖୁ ନା, ଘଇତା ମାଇପେ ହାତ ଧରାଧରି ହୋଇ ଛକ ଦାଣ୍ଡରେ ଜପରି ଯାଉଛନ୍ତି । ଲାଜ ନାଁ ସରମ— କି ଅଘଟଣ କଥା ଲୋ ମା !

କିଏ ଲୋ ଆଈ, କାହା କଥା କହୁଛୁ ମ ?

ଇଲୋ ନ ଜାଣିଲା ପରି କ'ଣ କଥା କହି ଯାଉଛୁ— ପାଟପୁର ସାମନ୍ତଙ୍କ ଘର ପୁଅ ମଦନ ଆଉ ତା ମାଇପ— ଗେରସ୍ତ ଭାରିଯାଙ୍କୁ ଦେଖି ନାହୁଁ ? ତାଙ୍କର କଥା— ଶୁଣିଲୁ !

ମାଳ କେଉଁଠି ଥିଲା କେଜାଣି ଆଗକୁ ଆସି କହିଲା— ତୁମର ଏଠି ଏତେ ଗପ୍ପାରର ଗୁଷ କାହିଁକି ? ତୁମ ଅମଳ କଥା ଛାଡ଼— ଅଜିକା ଯୁଗ ଯାହା କହୁଛି ସେଇଆ କର । ସେହି ଯେଉଁ ବୀଣା ଦେବୀ, ମଦନ ବାବୁଙ୍କ ସ୍ତ୍ରୀ ଜାଣିଛ ! ସେ କ'ଣ କରିଛନ୍ତି ? ଦେଖିବ ଯାଅ ଗୋବିନ୍ଦପୁର ହରିଜନ ସାହିକି କମିଟିକା ଗୋଟିଏ ଆଶ୍ରମ ଖୋଲି ଲୋକଙ୍କର କପରି ଉପକାର କରୁଛନ୍ତି ? ନ ଜାଣି ନ ଶୁଣି ପରର ନିନ୍ଦା କରିବା ଠିକ୍ ନୁହେଁ— ସେହିପରି ଯଦି ପୁରୁଷମାନଙ୍କ ସହିତ ସ୍ତ୍ରୀମାନେ ବାହାରି କାମ କରନ୍ତେ— ଦେଶ ସୁନା ହୋଇ ଯାଆନ୍ତା, ସେହି ନାକଟେକା ଗୁଣ ଯୋଗୁ ଆମେ ଏତେ ପଛରେ ପଡ଼ିଛନ୍ତି । ପାଠ ଶାଠ ପଢ଼ିଲେ, ଭଲ ମନ୍ଦ ଜାଣିଲେ— ଭଲ କାମ କରିବାକୁ ବାହାରିବେ ନାହିଁ ? ଆଉ କ'ଣ ତୁମର ପରି ହାତେ ଲମ୍ବର ଓଢ଼ଣା ପକାଇ ଘର କୋଣରେ ପଶିଥାନ୍ତେ ?

ନଡଆ ମା' କହି ପକାଇଲା— ହଲୋ ହଅ, ତମ ଅମଳକୁ ସବୁ ହେଲା— ତମେ ଯେମିତ ହେଉଛ ସେମିତ ପାଉଛ— କଥାରେ ଅଛି "ମନ ଯିଜି ଫଳ, ତୀର୍ଥ ଯିଜି ଜଳ" ଏ କଥା କ'ଣ ମିଛ ?

ମୁକୁନ୍ଦା ମା' ତା କଥାକୁ ମସର୍ଥନ କରି କହିଲା, ହଁ ନେଲୁ ଖୁଣ୍ଟ ଗାଁ ମୁନ୍ଦେ କଣ !

ସବୁ ଶୁଣି ଶୁଣି ବୁଲବୋଉ କହିଲା, ଆମେ ସମସ୍ତେ ତ ଏଠି ବସି ଗପ କରୁଛୁ-ଯାହାପାଇଁ ଏ ଗହଣା ଗଣ୍ଠି ଆସିଛୁ ଆମେ ତାହାର ତ କାହିଁ ଦେଖା ନାହିଁ । ସମସ୍ତେ କହି ଉଠିଲେ, ଆମେ ସତେ ତ, ହେମ ଗଲା କୁଆଡ଼େ ? ଏତେବେଳେକେ ହେମ ବୋଉର ହୋସ ପଶିଲା— ଇଲେ ଝିଅଟା ମୋର ସକାଳ ପହରୁ ନ ଖାଇ ନ ପିଇ କେଉଁଠି ପଡ଼ିଛି—ମରି ଯାଆନ୍ତା କି ମୁ ମୋ ଛୁଆ ଟୋକରେ ଆଉଠୁ ପାଉଠୁ ହୋଇ କାନ୍ଦ କାନ୍ଦ କାଠ ହୋଇ ଯିବଣି । ମୁଁ ଏଣେ ତମ ସଙ୍ଗରେ ଗପ ନଗେଇ ଦେଇଛି । ହେମରେ ହେମ ଡାକି ଡାକି ଘରଭିତରକୁ ପଶିଗଲେ ହେମ ବୋଉ ।

ଖିଆପିଆ ଦିଆନିଆ ବେଭାର ଆଗରୁ ସରିଲା । ଜୌତିଷ କାରକଙ୍କୁ ବିଦା କରାଗଲା । ବିପିନ ବାବୁଙ୍କୁ ଦାସେ ଭଲ ଧାମୀ ଯେଉଁ ପିନ୍ଧାଇଲେ । ସବୁ କାମ ସରିଲା, ସେମାନେ ସମସ୍ତେ ଚାଲିଗଲେ । ବିପିନ ବାବୁଙ୍କୁ ବାଟେଇ ଦେଇ ଆସି ଦାସେ ହସି ହସି ଡାକିଲେ, ହେମବୋଉ—ଏ ହେମ ବୋଉ କଣ ମନକୁ ଆସିଲା ତ ?

## ନଅ

ଆଜି ଗୋବିନ୍ଦପୁରର ସେଣ୍ଟ ବାପୁଜୀ ସେବାଶ୍ରମରେ ଭାରି ଧୂମ୍ ଧାମ୍ ଚାଲିଛି-କେତେ ରକମର ଆୟୋଜନ ମଧ୍ୟ । ଆସନ୍ତା କାଲି ଏଠାକୁ ଓଡ଼ିଶାର ବିଭିନ୍ନ ଜିଲାରୁ ବିଶିଷ୍ଟ ସଂଗଠକମାନେ

ଆମନ୍ତ୍ରିତ ହୋଇ ଆସୁଛନ୍ତି । ଆଗରୁ ସେମାନଙ୍କ ପାଖକୁ ମଦନ ବାବୁ ଯାଇ ଏ ଅନୁଷ୍ଠାନର ଭବିଷ୍ୟତ ମଙ୍ଗଳ ପାଇଁ ଏକ ସଭା କରିବାକୁ ତାଙ୍କୁ ଅନୁରୋଧ କରି ଆସିଥିଲେ । ଆଖ ପାଖ ଅଞ୍ଚଳରେ ଥିବା କର୍ମୀମାନଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି । ତାଙ୍କ ଖାଇବା ପିଇବାର ସୁବିଧା ପାଇଁ କେତେକ ଉତ୍ସାହୀ ଯୁବକ ଆୟୋଜନରେ ଲାଗିପଡ଼ିଛନ୍ତି । ବୀଣାଦେବୀ ଆଶ୍ରମରେ ଥିବା ଝିଅମାନଙ୍କୁ ପ୍ରାରମ୍ଭିକ ସଙ୍ଗୀତ ଓ ବିଦାୟ ସଙ୍ଗୀତ ଗାଇବାର ଶିକ୍ଷା ବତାଇ ଦେଇଅଛନ୍ତି । ମଦନ ବାବୁ ରୋଗୀଙ୍କୁ ଜଣ ଜଣ କରି ପରୀକ୍ଷା କରି ଔଷଧ ଦେବାରେ ବ୍ୟସ୍ତ । ମୋହନ କେତେ ଜଣ ଯୁବକଙ୍କ ସହିତ ସଭାମଣ୍ଡପ ସଜାସଜରେ ଲାଗିପଡ଼ିଛି । କିଏ ଖୁଣ୍ଟ ପୋତୁଛି, କିଏ ଚାଲ ଛାଉଣୁଛି, କିଏ ତୋରଣଦ୍ୱାର ତିଆରି କରିବାରେ ବ୍ୟସ୍ତ ଅଛି । ଏହିପରି ସମସ୍ତେ ସମସ୍ତଙ୍କର ଦାୟିତ୍ୱ ତୁଲାଇବାରେ ଲାଗି ପଡ଼ିଛନ୍ତି । ସମସ୍ତଙ୍କ ହୃଦୟରେ ଆଜି ଏକ ଅପୂର୍ବ ଆନନ୍ଦ ଖେଳି ଯାଉଛି । କେତେକ ସ୍ତ୍ରୀ ଲୋକ ଲୁଗା ଉପରେ ନାନା ରକମ୍ ଛୁଞ୍ଚିକାମ କରୁଛନ୍ତି । ସେମାନେ ଏଗୁଡ଼ିକ ତିଆରି କରି ଆଗନ୍ତୁକ ଅତିଥିମାନଙ୍କୁ ଭେଟି ଦେବେ । ଆଉ କେତେକ ସ୍ତ୍ରୀ ଲୋକ ସୂତା କାଟୁ ଅଛନ୍ତି । ମଦନ ବାବୁ ରୋଗୀମାନଙ୍କୁ ଔଷଧ ଦେଇ ସାରି ସମସ୍ତଙ୍କ କାମ ତଦାରଖ କରି କେଉଁଠି ଭଲ ମନ୍ଦ ହେଲେ ବତାଇ ଦେଉଛନ୍ତି ।

କିଛି ସମୟ ପରେ·········ମଦନ ବାବୁ ଡାକିଲେ, ବୀଣା !

ଯାଉଛି କହି ବୀଣାଦେବୀ ଉଠିଆସିଲେ ।

"ଆଚ୍ଛା" ବୀଣା, ଖବର କାଗଜ ଜରିଆରେ ବିଜୟ ପାଖକୁ ଯେଉଁ ଖବର ପଠାଯାଇଥିଲା ତାର ତ କୌଣସି ଉତ୍ତର ଆଜି-ପର୍ଯ୍ୟନ୍ତ ମିଳିଲା ନାହିଁ ।

ରାଣୀଦେବୀ ପ୍ରଶ୍ନ କଲେ, [illegible] ଭବିଷ୍ୟତ ପାଇଁ ତୁମେ କ'ଣ କରୁଛ ଶୁଣେ !

ମଦନ ବାବୁ ମନଦୁଃଖରେ କହିଲେ, ମୁଁ ଆଉ କରିବି କଣ ରାଣୀ ! ମୋର ବା ଗୁଡ଼ି କଣ ! ଆମର ବଡ଼ ଭରସା ଥିଲା ବିଜୟ ଉପରେ । ସେ'ତ ନିରୁତ୍ତର—ଏଣିକି ତାର କର୍ମଫଳ ତାକୁ ଭୋଗ କରିବାକୁ ପଡ଼ିବ ।

ଏତିକି ବେଳେ ରାଜୁଆ କେତୋଟି ଖଣ୍ଡି ଚିଠି ଧରି ଆସି ମଦନ ବାବୁଙ୍କ ପାଖରେ ପହଞ୍ଚି କହିଲା, ଭାଇ ଚିଠି ନିଅନ୍ତୁ । ଆରେ ଏତେଗୁଡ଼ାଏ ଚିଠି କେଉଁଠୁ ଆଣିଲୁ ରାଜୁ !

ଡାକବାଲା ଦେଇଗଲା ।

ମଦନ ବାବୁ ଲଫାପା ଗୁଡ଼ିକ ଏପାଖ ସେପାଖ ଦେଖି ଖୋଲିବାରେ ଲାଗିଲେ । କିଏ ପୁରୀରୁ, କିଏ କଟକରୁ, କିଏ ବା ବାଲେଶ୍ୱରରୁ ତାଙ୍କର ଅନୁଷ୍ଠାନ ପ୍ରତି ଶୁଭେଚ୍ଛା ଜ୍ଞାପନ କରି ଚିଠି ଲେଖିଛନ୍ତି । କାହାର ଘରେ ଅସୁବିଧା ଥିବାରୁ ଇଚ୍ଛା ଥିବା ସତ୍ତ୍ୱେ ବି ସଭାରେ ଯୋଗଦେଇ ନ ପାରିବାକୁ ଦୁଃଖ ପ୍ରକାଶ କରି ଲେଖିଛି । ଶେଷ ଚିଠିଟି ଖୋଲିଲେ ତା ଭିତରେ ଶାଗୁଆ ରଙ୍ଗର ରାଇଟିଂ ପ୍ୟାଡ଼ର ଖଣ୍ଡିଏ କାଗଜ । ଉପରେ ଲେଖାଅଛି-ବିଜୟ କୁମାର ଦାସ ଇନ୍‌ସପେକ୍ଟର୍ ଲାଇଫ ଇନ୍‌ସୁରେନ୍‌ସ କର୍ପୋରେସନ କଲିକତା । ଆନନ୍ଦରେ ମୁଖ ଉଜ୍ଜ୍ୱଳ ହୋଇ ଉଠିଲା ମଦନ ବାବୁଙ୍କର । ହସି ହସି କହିଲେ, ଦେଖ ରାଣୀ ଭାଗ୍ୟ ଆମର କେମିତି, କହୁ କହୁ ବିଜୟର ହାତଲେଖା ଚିଠି ଆମ ପାଖରେ ଆସି ପହଞ୍ଚିଛି । ଧନ୍ୟ ଭଗବାନ, ଧନ୍ୟ ତୁମର ଦୟା ।

ପଢ଼ ମ ଆଗେ, କଣ ଲେଖିଛନ୍ତି ବିଜୟ, ଆନନ୍ଦରେ ଅଧୀର ହୋଇ ରାଣୀଦେବୀ କହିଲେ ।

ହଁ ପଢ଼ୁଛି ଶୁଣ- କହି ମଦନବାବୁ ପଢ଼ିବାକୁ ଲାଗିଲେ ।
ଭାଇ ମଦନ ।

ପ୍ରଥମେ ନମସ୍କାରଟି ସାଦରେ ଗ୍ରହଣ କରିବୁ । ନୂଆବୋହୂଙ୍କୁ ମଧ୍ୟ କହିବାକୁ ଭୁଲିବୁ ନାହିଁ । ତୋର ଲେଖା ଖବର କାଗଜରୁ ପାଇ ଖୁବ୍ ଖୁସୀ ହୋଇଛି । ତୁ ଆଜ କେତେ ଉଚ୍ଚରେ । ନୂଆବୋହୂ ମଧ୍ୟ ତୋର ପନ୍ଥା ଅନୁସରଣ କରୁଛନ୍ତି ଶୁଣି ଖୁସି ହେଲି । ତୋ ମନଭାବ ମୁଁ ପିଲା ଦିନରୁ ଜାଣି ନେଇଛି ଭାଇ । ମୁଁ ହସି ହସି ବାପୁଜୀ ସେବାଶ୍ରମକୁ ମୋର ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି । ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ତାର ଭବିଷ୍ୟତ ପଥ ମଙ୍ଗଳ ହେଉ । ଏତ ଗଲା ତୋ ଅନୁଷ୍ଠାନ ପାଇଁ ଦି'ପଦ ଲେଖା ଆଜି ଆମ ଘରର ସମସ୍ତ ଖବର ତୋତେ ଦେଉଛି ଶୁଣ । ବାପା ପାଗଳ ହୋଇଛନ୍ତି । ବୋଉ ଶକ୍ତ ବେମାର । ହେମ ଭାବି ଭାବି କଳା-କାଠ ପଡ଼ି ଗଲାଣି । ଏଦିନରେ ମୁଁ ଯେପରି ଜ୍ଞାନଶୂନ୍ୟ ହୋଇ ପଡ଼ିଥିଲି ବଞ୍ଚି ନ ଥାନ୍ତି ଭାଇ । କିଶୋରର ଆପ୍ରାଣ ଚେଷ୍ଟାରେ ମୁଁ ବଞ୍ଚି ରହିଲି । ପାଗଳ ହୋଇ ଯାଇଥିଲି, ଯେଉଁ ଦିନ ଘରର ଏ ସମସ୍ତ ଖବର ପାଇଲି । ଦେହ ଝିମ୍ ଝିମ୍ ହୋଇଗଲା । ମୁଣ୍ଡ ଘୂରେଇ ଦେଲା । ଜ୍ଞାନ ଶୂନ୍ୟ ହୋଇ ବରଣ୍ଡାରୁ ତଳକୁ ଗଡ଼ି ପଡ଼ିଲି । ସେହି ଦିନ ହିଁ ହୋଇଥାନ୍ତା ମୋ ଜୀବନର ଶେଷ । ପାଖରେ ଥିଲା କିଶୋର, ମୋତେ ମରଣ ମୁହଁରୁ ଫେରାଇ ଆଣିଲା ଭାଇ । ନିଜର ଭାଇଠାରୁ ଅଧିକ ସ୍ନେହ କରୁଛି ସେ । ତା ଋଣ ଏ ଜୀବନରେ ସୁଝି ପାରିବିନି ମଦନ । ପଛ କଥାକୁ ଲେଖିବସିଲେ ପୁରାଣ ହେବ ଭାଇ । ଆମ ଘର ପ୍ରତି ଟିକିଏ ନଜର ଦେଉଥିବୁ ଭାଇ । ହେମର ଦେହପ୍ରତି ଟିକିଏ ଦୃଷ୍ଟି ରଖିଥିବୁ । ଯଦି ଭଗବାନଙ୍କର ଅନୁଗ୍ରହ ଥାଏ, ଭାବୁଛି କିଶୋର ସହିତ ହେମର......। ମୁଁ ଛବିଶ ତାରିଖ ଦିନ କିଶୋରକୁ ସଙ୍ଗରେ ନେଇ ନିଶ୍ଚୟ ଘରେ ପହଞ୍ଚିବି । ଆଉ

ଲେଖିବାକୁ ସମୟ ନାହିଁ ଭାଇ, ରାତି ବାରଟା ବାଜିଲାଣି, ଏତିକିରେ ବିଦାୟ ନେଉଛି, କ୍ଷମାଦେବୁ । ଇତି ।

ବିଜୟ

ଶୁଣିଲ ତ ବାଣୀ, ଆଉ ହେମ ବିଷୟରେ ଚିନ୍ତା କରିବା କୌଣସି ଦରକାର ନାହିଁ । ତା କରୁଣ ଚିତ୍କାର ଆଜି ଭଗବାନଙ୍କ କାନରେ ବାଜିଛି । ହେଉ, ଭଗବାନଙ୍କ ଇଚ୍ଛା ହିଁ ପୂର୍ଣ୍ଣ ହେଉ । ବାଣୀ ବସୁର ଟିକିଏ ଶାନ୍ତିରେ ରହୁ ।

ବାଣୀଦେବୀ ଚିଠିଟି ଲୁଚାଇ ଧରି ଦାସଙ୍କ ଘର ସାରା ହେମକୁ ଖୋଜିଖୋଜି ହେମର ଶୋଇଲାଘରେ ଯାଇ ପହଞ୍ଚିଲେ । ଦେଖିଲେ, ହେମ ଖଟ ଉପରେ ମୁହଁମାଡ଼ି ଶୋଇଛି । କହିଲେ, ହେମ ! ଆରେ ଆଜିଠୁଁ କ'ଣ ନୂଆବୋହୂ ହୋଇ ଘର କୋଣରେ ପଶିଲଣି ମ ! ମୁଁ ସୁରିଆଡ଼େ କେତେ ଖୋଜୁଛି ସେ ହେଲେ ହେମର ଦେଖା ନାହିଁ । ତେବେ କ'ଣ ନଟବର କୃଷ୍ଣଚନ୍ଦ୍ରଙ୍କର ଆଗମନ ବିଳମ୍ବ ହେବା ଦେଖି ବିରହିଣୀ ରାଧିକା ଅଭିସାରିକା ବେଶରେ ଘର କୋଣରେ ପଡ଼ି ଅଭିମାନ ଆରମ୍ଭ କରି ଦେଲେଣି । ବ୍ୟସ୍ତ ହେବାର କୌଣସି କାରଣ ନାହିଁ ରାଧେ-ଆଉ ଦୁଇଦିନପରେ କାଳିଆ କାହ୍ନୁ ମୁଣ୍ଡରେ ଶିଖିପୁଚ୍ଛ ପରିବର୍ତ୍ତେ ଦୋଲମୁକୁଟ ପିନ୍ଧି ବରହ ନୂରଲ୍ଲୀ ରୂପେ ନଡ଼ିଆଟିଏ ହାତରେ ଧରି ପୀତ ବସନ ପହରଣ କରି ହସି ହସି ଶ୍ରୀମତୀଙ୍କୁ ପାଲେଙ୍କିଟି ନେଇଯିବେ ଯମୁନା କୂଳକୁ । ଯମୁନା କୂଳ କଦମ୍ବ ମୂଳ ଛାଡ଼ି ଏଇ ଘର କୋଣରେ କେଳି ଆରମ୍ଭ କରି ବାସର ରାତି କଟାଇ ଦେବ । ଉଠ ମାନିନୀ ରୋଷ ଛାଡ଼ି ! ଏହା କହି ବାଣୀଦେବୀ ହେମର କାଖରେ ଟିକିଏ କୁତୁକୁତୁ ମାରିଦେଲେ । ହେମ ମନରେ କଷ୍ଟ ଥିଲେ ସୁଦ୍ଧା ସେ ଉରୁ କରୁ ହୋଇ ହସି ଉଠିଲା । ବାଣୀଦେବୀ ତା କଅଁଳ ଗାଲରେ

ସବୁ ସୁଯୋଗଟିଏ ମାରି କହିଲେ, ଭବିଷ୍ୟତକୁ ଉଜାଗର ରହିବ ବୋଲି କ'ଣ ଆଜିଠୁଁ ନିଦଗୁଡ଼ାକ ଭୋଗ କରି ନେଉଛ ହେମ।

ହେମ ମୁରୁକି ମୁରୁକି ହସି କହି ଉଠିଲା, ତୁମେ ଖାଲି ଏ···।

ମାନେ ?

"ମାନେ ଖାଲି ଖରାପ,"

"ହଁ ଆଜି ଖରାପ ଲାଗିପାରେ ହେମ, ସେଦିନ ଟିକିଏ ମୋ କଥା ମନେ ପକାଉଥିବ ଭଉଣୀ—ଏଇ ଖରାପଟା ସେଦିନ ତମକୁ କେତେ ଭଲ ଲାଗିବ, ହସି ହସି ରାଣୀଦେବୀ କହିଲେ।

ହେମ ଗେହ୍ଲେଇ ହୋଇ ପଚାରିଲା—କେଉଁ ଦିନ ?

କେଉଁଦିନ ? କ'ଣ କଞ୍ଚା ଓଡ଼ିଆରେ ବୁଝାଇ ଦେବା ଭଉଣୀ ତେବେ ଶୁଣ, ଜ୍ୟେଷ୍ଠ ମାସ ଦଶଦିନ ମଙ୍ଗଳବାର ରାତି···।

ମନର ସରାଗ ମଉଳିଗଲା ହେମର—କହିଲା, ଜ୍ୟେଷ୍ଠମାସ ଦଶଦିନ—ନାଁ—ନାଁ ତା ହୋଇ ପାରିବ ନାହିଁ ଅପା। ମୁଁ ପ୍ରତିଜ୍ଞା କରିଛି—ବଳଭଦ୍ର ଚୌଧୁରୀର ସ୍ତ୍ରୀ ହୋଇ ଯିବା ପୂର୍ବରୁ ମୋର ସମାଧି ହୋଇ ସାରିଥିବ। ମାତ୍ର ଆଉ ଗୋଟିଏ ଦିନ ଖାଲି ଅପେକ୍ଷା କରିଛି। ସେ ଯଦି ତା ପୂର୍ବରୁ ଆସି ନ ପହଞ୍ଚନ୍ତି ମୋତେ ହସି ହସି ମରଣକୁ ବରଣ କରିବାକୁ ହେବ—କେହି ବଞ୍ଚାଇ ପାରିବେନି ଅପା, କେହି ବଞ୍ଚାଇ ପାରିବେନି।

ରାଣୀଦେବୀ କହିଲେ ସତେ ? ତେବେ କ'ଣ ଧ୍ରୁବଙ୍କ ପରି ଅଟଳ ପ୍ରତିଜ୍ଞା କରିଛ ହେମ। ଆଚ୍ଛା ହେମ, ମୁଁ ଯଦି ତୁମକୁ ସମାଧି ଗାତରୁ ଉଠାଇ ଆଣିପାରେ ?

ଅସମ୍ଭବ ଅପା, ତା'କି ସମ୍ଭବ ?

ସେହି ଅସମ୍ଭବ ହିଁ ଆଜି ସମ୍ଭବ ହୋଇ ପାରିଛି ହେମ। ଭଗବାନଙ୍କୁ କୋଟିପ୍ରଣାମ ସେ ଆଜି ଆମର ଆଶା ପୂରଣ କରିଛନ୍ତି।

ଏଁ ତମେ କ'ଣ କହୁଛ ?

ସତ କହୁଛୁ ଭଉଣୀ, ତାର ପ୍ରମାଣ ମୁଁ ହାତେ ହାତେ ଦେବ, ଦେଖ ଏଇ ଚିଠି ।

"କିଏ ଦେଇଛି ଅପା" ।

"ଆଉ କିଏ ଦେବ, ତମ ଭାଇ ଦେଇଛନ୍ତି" ।

ଭାଇ, ବିଜୟ ଭାଇ ଚିଠି ଦେଇଛନ୍ତି ? ଆନନ୍ଦରେ କୁରୁଳି ଉଠିଲା ହେମର ମନ । ତା ସଜ ଗୋଲାପୀ ଅଧରରେ ଫୁଟିଉଠିଲା ଅମାନିଆ ହସ । ତର ତର କରି ଚିଠିଟି ଖୋଲି ପଢ଼ିଗଲା ସେ । ଏକା ନିଶ୍ୱାସରେ ଚିଠିଟି ପଢ଼ି କହିଲା, ନୂଆବୋହୂ କିଏ ଅପା ?

ପଢ଼, ଆଉଥରେ ଭଲକରି ପଢ ହେମ, ନୂଆବୋହୂ କିଏ ତୁମେ କ'ଣ ଜାଣିପାରୁ ନାହିଁ, ବୀଣାଦେବୀ ହସି ଉଠିଲେ ।

"ଆରେ" ତମେ ତା ହେଲେ ମୋର ନୂଆବୋହୂ । ହେମ ଆନନ୍ଦରେ ବୀଣାଦେବୀଙ୍କୁ କୁଣ୍ଢେଇ ପକାଇଲା । ହସି ହସି କହିଲା, ସତେ କ'ଣ ଭାଇ ଆସିବେ ନୂଆବୋହୂ ।

ଆରେ ଏଥିରେ ଅବିଶ୍ୱାସ କରିବାର କ'ଣ ଅଛି । ଚିଠି ଦେଇଛନ୍ତି ଯେତେବେଳେ ନିଶ୍ଚୟ ଆସିବେ—ହେଲେ ହେମ ତାଙ୍କ ସାଙ୍ଗରେ କିଏ ଆସୁଛନ୍ତି ଜାଣିଛ ?

"ଜାଣିଛି"

କିଏ କହିଲା ?

କ'ଣ ତାଙ୍କ ନାଆଁ ପରା କିଶୋର—ଲାଜ ଲାଜ ହୋଇ ହେମ କହିଲା ।

ହଁ ସାବଧାନ ଥିବ ହେମ, ବିରହ ଜ୍ୱାଳାରେ କିଶୋର ପାଖକୁ କିଶୋରୀ ଯେପରି ଢଳି ନ ପଡ଼ନ୍ତି । ହେଁ—ହେଁ ହୋଇ ହସି ଉଠିଲେ ଦୁହେଁ । ଲାଜ ମାଡ଼ିଲା ହେମକୁ—ଲୁଗାକାନିକୁ ପାଟିରେ ପୁରେଇ ଦେଲା ସେ ।

ଏବେ ନୂଆବୋହୂ ତମକୁ ଦେଖିଲେ ମୋର ସବୁ ଦୁଃଖ କୁଆଡ଼େ ଉଭେଇ ଯାଉଛି । ଆଚ୍ଛା କହିଲ ନୂଆବୋହୂ ! ତମେ କଣ କମିଆ ଜାଣ ନା କଅଣ ମ ? ମୁଁ ସେଇଥି ପାଇଁ ତୁମକୁ ଭରି ଭଲ ପାଏଁ ।

"ମୁଁ ତମର କି ଦୁଃଖ ଊଣା କରି ପାରିବି ଲୋ ଭଉଣୀ ଦୁଃଖ ଊଣା କରିବା ଲୋକ ଆସୁଛନ୍ତି—ଆଉ ଦିନେ ଦୁଇଦିନ ଅପେକ୍ଷା କର, ତାଙ୍କୁ ଦେଖିଲେ ତୁମ ଭୋକ ଶୋଷ କୁଆଡ଼େ ଉଭେଇ ଯିବ । ତା ସଙ୍ଗେ ସଙ୍ଗେ ତୁମର ଚନ୍ଦ୍ରମା ବଦନକୁ କଣେଇ କଣେଇ ଚାହିଁ ତମ ଉଚ୍ଛଳ ଯୌବନରେ ଆତ୍ମବିଭୋର ହୋଇ ସେ ବି ଭୋକ, ଶୋଷ ଭୁଲିଯିବେ । ସେଥିପାଇଁ ଚିନ୍ତା କଣ' ଭଉଣୀ ଶ୍ରୀମତି ! ସଜବାଜ ହୋଇ ଶ୍ରୀମାନ୍‌ଙ୍କର ଆଗମନକୁ ଘଣ୍ଟା-ମିନିଟ ସେକଣ୍ଡ୍ ଧରି ପ୍ରତୀକ୍ଷା କରି ବସିଥାଅ ।

ହେମବୋଉ କୁଆଡ଼େ ଥିଲେ କେଜାଣି, ହେମ, ହେମ ଡାକ ଆସି ପହଞ୍ଚିଗଲେ । ସାଣା ଦେବୀଙ୍କୁ ଦେଖି କହିଲେ, କି ସାଣା ! କେତେବେଳେ ଆସିଥିଲୁ ଝିଅ, ମଙ୍ଗଳବାର ଦିନ ସକାଳୁ ଟିକଏ ଆସିବୁ ମା । ଝିଅ ଝିଆଣି ବୋଲି ତ କେହି ନାହାନ୍ତି । ମୁଁ ଏକୁଟିଆ କୁଆଡ଼କୁ ହେବି କହିଲୁ ? ତୁ ଆସିଲେ ହେଲେ ଘର କଥା ବୁଝିବୁ । ମୁଁ ବାହାର ପାଇଁ ରହିବି । ମୋ' ସାଣ ମା ନିଶ୍ଚୟ ଆସିବୁ । ମଦନ ପାଖକୁ ତୋ ମଉସାଙ୍କୁ ପଠେଇବି । ସେ ଯାଇଁ କହି ଆସିବେ ଆସିବାକୁ । ତୋ ପାଖକୁ ଏଇକ୍ଷଣି ରବିକୁ ପଠେଇବି ବୋଲି ଭାବିଥିଲି । ଯାହାହେଉ ଆସିଛୁ ଭଲ କରିଛୁ ଝିଅ ।

ହଉ, ମୁଁ ଆଜି ଯାଉଛି ମାଉସୀ ! ଅନେକବେଳୁ ଆସିଲିଣି, ଆଶ୍ରମରେ ବୋଧହୁଏ ମୋତେ ଖୋଜୁଥିବେ ।

ହେମକୋଉ କହିଲେ, ନାଇଁଲେ ଝିଅ, ଯିବୁ ତ ଏବେ ତରତର କାହିଁକି ? ଟିକିଏ ବସ୍ । ହେମ ତୋ ନୂଆକୋଉଙ୍କୁ ଖଣ୍ଡେ ପାନ ଦେ' ।

ସେ କ'ଣ ନ ଦେଇ ଛାଡ଼ୁଛି ମାଉସୀ,ଆଉ ଦରକାର ନାହିଁ । ମୁଁ ବେଶୀ ପାନ ଖାଏ ନାହିଁ, ଦିନରେ ଅନ୍ତତଃ ଚାରିଖଣ୍ଡ ହେଲେ ଚଳିଯାଉଛି । ହେଉ-ମୁଁ ଯାଉଛି ମାଉସୀ, ସୁବିଧା ଦେଖି ଆସିବି ।

ନାଁ ନାଁ ଝିଅ ମୋରଣ, ମଙ୍ଗଳବାର ଦିନ ସକାଳୁ ନିଶ୍ଚୟ ଆସିବୁଟି ?

"ହେଉ" କହି ବାଣ ଦେବୀ ଚାଲିଗଲେ ଆଶ୍ରମ ଅଭିମୁଖରେ ।

## ଦଶ

କଲିକତାସ୍ଥ ବିଜୟଙ୍କର ବସାଘର । ଆଜି ଘରକୁ ଆସିବାପାଇଁ ବିଜୟର ମନ ଚଞ୍ଚଳ ହୋଇ ଉଠିଛି । ମନ ଖୁସୀରେ ଗୁଣୁ ଗୁଣୁ ଗୀତ ଗାଇ ଗାଇ ଟ୍ରଙ୍କ ସୁଟ୍‌କେଶ୍ ଝାଡ଼ିବାରେ ଲାଗିପଡ଼ିଛି ସେ । କିଶୋର ମଧ୍ୟ ତା ଜିନିଷପତ୍ରଗୁଡ଼ିକ ସଜାଡ଼ି ସଜାଡ଼ି କରି ସାଇତି ରଖୁଛି । ସୁଟ୍‌କେଶ୍‌ରୁ କେତେଗୁଡ଼ିଏ ପୁରୁଣା ଚିଠି କାଢ଼ୁଁ କାଢ଼ୁଁ ବିଜୟ ପଚାରିଲା, ଆରେ କିଶୋର ! ସେଦିନ ମ ଦିନ ପାଖକୁ ଯେଉଁ ଚିଠିଟା ଲେଖିଥିଲି ସେଟା ଡାକରେ ପଡ଼ିଛି ନାଁ ?

ଅଫିସ୍ ପିଅନ ହାତରେ ତହିଁ ଆରଦିନ ପଠାଇ ଦେଇଥିଲୁ ପରା ।

ଆରେ ସତେ ତ, ମୋର ମନେ ନଥିଲା । ହଁ କିଶୋର ! ତୁ ଯସ୍ତ ତମ ଘରକୁ କ'ଣ ଗୋଟି ଚେକ ବୋଲି କହିଥିଲ । ଲେଖି ସାରିଛୁ ?

ଲେଖି ସାରି କାଲି ଡାକରେ ପକାଇ ଦେଇଛୁ ।

"ହେଉ ସେ କାମ ବି ସରିଦେଇଛୁ, ଭଲ କରିଛୁ କିଶୋର ! ଯେତେ କାମ ସରିବ ସେତେ ଭଲ । ଆଚ୍ଛା ଘରକୁ ନେବାପାଇଁ ଯେଉଁ ଜିନିଷ କିଣିବା ସେ ତାଲିକାଟା କ'ଣ କଲୁ ?

ସେଇ ଟେବୁଲ୍ ଉପରେ ଥିଲା ତ ଦେଖୁନ ଅଛୁ କି କ'ଣ !

ବିଜୟ ଉଠିଆସି ଟେବୁଲ୍ ଉପରୁ ତାଲିକାଟି ନେଇ ଭଲ ଭାବରେ ପଢ଼ି ବସିଲା । ପଢ଼ି ସାରି କହିଲା, ଆରେ ସବୁ ତ ଲେଖା ଯାଇଛି କିନ୍ତୁ ମୁଖ୍ୟ କଥା ତ କାହିଁକି ଲେଖାଯାଇ ନାହିଁ । ହେମପାଇଁ ଗୋଟିଏ ଭଲ ଉଜାଇନର ମୁଦ ନେବାକୁ ହେବ ଯେ ।

ସେ ଦିନ କହି ନ ଥିଲୁ, ମୁଁ ଲେଖିଥାନ୍ତି କମିତି ଭଲା । ଗୋ ବରାଦ ଅନୁସାରେ ସବୁ ଲେଖା ସରିଛି । ଭଲ କରି ମନେ ପକା ଆଉ କଣ କଣ ନେବାକୁ ହେବ-ନଇଲେ ପୁଣି ଥରେ ବଜାରକୁ ଦୌଡ଼ିବାକୁ ପଡ଼ିବ ।

ନାଁ-ନାଁ ସବୁଟିକ୍ ଅଛି । ଆଉ କିଛି ଦରକାର ନାହିଁ । ବଜାରକୁ କେତେବେଳେ ଯିବା କହିଲୁ ? ମୁଁ ଏକା ଯାଇ ସବୁ କିଣି ପାରିବି ନାହିଁ । ସାଙ୍ଗ ହୋଇ ଯିବା । ପୁଣି ଆଜିତ ଅଫିସକୁ ଯିବାକୁ ହେବ ଛୁଟି ମଞ୍ଜୁର ପାଇଁ । ତା ହେଲେ କ'ଣ ଅଫିସରୁ ଫେରିଲେ ଚାରିଟା ବେଳକୁ ବଜାର ଯିବା ।

କିଶୋର କହିଲା, ନାଁ-ନାଁ ଚାରିଟା ପୂର୍ବରୁ ହୋଟେଲ ବସାକୁ ଫେରିବାକୁ ହେବ । ମୁଁ ବି ଦୁଇଟା ବେଳକୁ ପଳାଇ ଆସିବି । ଇଆଡ଼େ କେତେ ଆଡ଼ୁ କେତେ ଅଡୁଆ ଅଛି । ହୋଟେଲ ବାଲା

ଟଙ୍କା ନେବ, ତେଣେ ଜଳଖିଆ ହୋଇନା । ତା' କଥା ଜଣ ଜଣ କରି ଏସବୁ ଅଡୁଆ ମେଣ୍ଟାଇବାକୁ କେତେ ସମୟ ଦରକାର କହିଲୁ । ପୁଣି ଆଜି ରାତିଗାଡ଼ିରେ ତ ଆମକୁ ଯିବାକୁ ହେବ ।

ବିଜୟ କହିଲା, ହଁ ତା'ର ନିଶ୍ଚୟ ସେଥିରେ ଆଉ ସନ୍ଦେହ ନାହିଁ, ତେବେ ମୁଁ ଠିକ ତିନଟା ବେଳକୁ ଆସି ପହଞ୍ଚିବି । ଆରେ କିଶୋର ଆଉରି ଗୋଟେ ବଡ଼ କାମ ଜାଣିଛୁ । ପୋଷ୍ଟ ଅଫିସରୁ ଟଙ୍କା ନ ଉଠାଇଲେ ଜିନିଷପତ୍ର ନେବା କିମିତି ?

କିରେ ତୁ କାଲି ପରା ପୋଷ୍ଟ ଅଫିସକୁ ଯାଇଥିଲୁ ଟଙ୍କା ଉଠାଇବା ପାଇଁ କ'ଣ ହେଲା କି ? ଉଠାଇ ଆଣିଲୁ ନାହିଁ ।

କାଲି ସିନା ପୋଷ୍ଟ ଅଫିସକୁ ଯାଇଥିଲି କିଶୋର, କିନ୍ତୁ ପାଶ୍ ବହିଟା ନେବାକୁ ମନେ ନ ଥିଲା । ବାଧ୍ୟ ହୋଇ ଫେରି ଆସିଲି ।

ତା' ହେଲେ ଆମେ କ'ଣ ଆଜି ଗାଁକୁ ଯିବା ନାହିଁ । ଏତେ ଗୁଡ଼ାଏ କାମ ସାରି ଆଜି କ'ଣ ଯାଇ ପାରିବା ।

ନାଁ-ନାଁ ଆଜି ରାତିଗାଡ଼ିରେ ଆମେ ନିଶ୍ଚୟ ଯିବା ନାଁ ?

ମୁଁ ପଚ୍ଛେ ବାରଟା କିମ୍ବା ଗୋଟାଏ ବେଳକୁ ଅଫିସରୁ ପଳାଇ ଆସିବି । କାମ ତ ବିଶେଷ କିଛି ନାହିଁ । ଯାହା ଖାଲି ଛୁଟି ଦରଖାସ୍ତ ଖଣ୍ଡିଟା ଦେଇ ଆସିବି । ଆଚ୍ଛା କିଶୋର, କେତେଦିନ ଛୁଟି ଆଣିବା କହିଲୁ ?

ଅନ୍ତତଃ ମାସେଖଣ୍ଡେ ଛୁଟି ନେ ବିଜୟ । ତୁ ତ ପୁଣି ଆସିବୁ ବେଶୀ ଛୁଟିରୁ ଲାଭ କଣ ?

ହଁ ସେଇଆ କରିବା । ମୁଁ ବି ସେଇଆ ଭାବିଥିଲି । ହେଉ କିଶୋର ତା ହେଲେ ଗାଧୁଆ ପାଧୁଆ କରି । ଆଜି ଟିକିଏ ଚଞ୍ଚଳ ଅଫିସକୁ ବାହାରି ଯିବା ।

ଘଣ୍ଟା ବେଳେ ଦେଖାଗଲା ବଜାର ଉପରେ ବିଜୟ ଆଉ କିଶୋର । ଦୁଇ ବନ୍ଧୁ ଯାକ ହସ ଖୁସିରେ ବୁଲୁଛନ୍ତି । ଏ ଦୋକାନରୁ ସେ ଦୋକାନ ବୁଲି ମନ ମୁତାବକ ଜିନିଷପତ୍ର କିଣୁଛନ୍ତି । ବୁଲି ବୁଲି ଜିନିଷପତ୍ର କିଣାକିଣି ସରିଲା । ଦୁଇବନ୍ଧୁ ଭଡ଼ାଗାଡ଼ି ଖଣ୍ଡିଏ କରି ଆସି ପହଞ୍ଚିଲେ ବସାରେ । ସନ୍ଧ୍ୟା ହୋଇ ଗଲାଣି ସେତେବେଳକୁ । ଇଲେକ୍ଟ୍ରି ଲାଇଟର ସୁଇଚ୍ ଟିପିଦେଲା କିଶୋର । ଆଲୋକିତ ହୋଇଗଲା ଫ୍ଲାଟ ଘର ଖଣ୍ଡି । ଜିନିଷ ଗୁଡ଼ିକ ରଖି ଦେଇ ଲୁଗା ପଠା ପାଲଟି ଜଳଯୋଗ କରିବାକୁ ବସିଗଲେ ସାଙ୍ଗ ହୋଇ । ବିଜୟକୁ ଆଜି ଭୋକ ଶୋଷ ଲାଗୁ ନାହିଁ । ଘର କଥା ଭାବି ପେଟ ଉଚ୍ଛୁଳି ଉଠୁଛି । ଅନିଚ୍ଛା ସତ୍ତ୍ୱେ କିଶୋର ସହିତ ଖାଇ ବସିଲା ସେ । ଗୋଟିଏ ରସଗୋଲା ଖାଇ ପାଣି ଗିଲାସେ ପିଇ ଉଠିଆସିଲା ବିଜୟ ।

କିଶୋର କହି ଉଠିଲା, ଆରେ କଅଣ ମ ବିଜୟ ! ମୁଁ କ'ଣ ଏଗୁଡ଼ାକ ସବୁ ଖାଇବି ?

ମୋତେ କାହିଁକି ଭୋକ ଲାଗୁନାହିଁ କିଶୋର । ଦେ ଭାଇ ବଳେଇ କରି ଖାଇଦେ । ଗାଁକୁ ଗଲେ ଏଜିନିଷ କଣ ସେଠି ମିଳିବ । ଥରେ ଆଠଦିନ ପାଇଁ ଏଥିରୁ କିଛି ପେଟରେ ଡିପୋଜିଟ କରି ରଖି ଦେଇଥା । ଖେଁ-ଖେଁ ହୋଇ ହସି ଉଠିଲେ ଦୁଇବନ୍ଧୁ । କିଶୋର ସେତିକି ଶେଷ କରି ଉଠିଆସିଲା । ପକେଟରୁ ସିଗାରେଟ୍ ପାକେଟ୍ଟି କାଢ଼ିଲା ବିଜୟ । ନିଜେ ଖଣ୍ଡିଏ ପାଟିରେ ଧରି ଆଉ ଖଣ୍ଡିଏ ବଢ଼ାଇ ଦେଲା କିଶୋରକୁ । କିଶୋର ସେଥିରେ ଅଗ୍ନି ସଂଯୋଗ କରିବାରେ ଲାଗିଗଲା । ସିଗାରେଟ୍ ଧୂଆଁରେ ଫ୍ଲାଟ କୋଠରିଟି ଭରି ଉଠିଲା । କିଛି ସମୟ ମାଉନ ରହିବାପରେ—

ବିଜୟ କହିଲା, କିଶୋର ! ଦେଖା ଗଲା ଭଳି ତାଙ୍କ ବ୍ୟବହାର ସବୁ

ସେଥି ଠିକ୍ ଠାକ୍ କରିଦେ । ଆଉ ଡାକ୍ତର ବାବୁଙ୍କର କିଛି ଟଙ୍କା ପଇସା ଆମ ଉପରେ ବାକି ଅଛି କି ?

ନାଁ ନାଁ ମୁଁ ତାଙ୍କୁ ସମସ୍ତ ଟଙ୍କା ଦେଇଛି । ଦୁଧବାଲାକୁ ଦଶଟଙ୍କା ଦେଇ ଦେଇଛି । ସେ ସବୁ ଆଉ କାହାରି କିଛି ନାହିଁ । ଯାହା ଅଛି ଘରଭଡ଼ା, ହୋଟେଲ ଆଉ ଜଳଖିଆ ଦୋକାନୀଙ୍କର । ତୁ ଦେ, ଟଙ୍କା ଦେ ମୁଁ ଘରଭଡ଼ା ଦେଇ ଆସେ । ଆଉ ଖାଇବାକୁ ଗଲେ ହୋଟେଲ ବାଲାକୁ ତା ଟଙ୍କା ଦେଇ ଆସିବା । ଜଳଖିଆ ଦୋକାନୀକୁ ମୁଁ ତ କହି ଆସିଥିଲି ଆସିବାକୁ । ସେ ବର୍ତ୍ତମାନ ଆସିବ କି କଣ ବୋଧହୁଏ ।

ତାହେଲେ କିଶୋର ଘରଭଡ଼ାକୁ କେତେ ଟଙ୍କା ନେବୁ । ଆଉ ତାକୁ କହି ଆସିବୁ ଆମେ ଆଜ ଗାଁକୁ ଯାଉଛୁ, ମାସକ ପରେ ଫେରି ଆସିବୁ । ଆଉ ମାସକୁ ବି କିଛି ଏଡ଼ଭାନ୍ସ ଦେଇ ଆସିବୁ । ବିଜୟ ଟ୍ରଙ୍କ ଖୋଲି ଦଶଟଙ୍କିଆ ନୋଟ ଛ'ଖଣ୍ଡି ବଢ଼ାଇ ଦେଲା କିଶୋରକୁ ।

କିଶୋର ନୋଟଗୁଡ଼ିକ ହାତରେ ଧରି ଉପର ମହଲାରେ ଯାଇ ପହଞ୍ଚିଲା, ଦେଖିଲା ଦରଜା ବନ୍ଦ । କଡ଼ାଟାକୁ ଧରି ଖଟ୍ ଖଟ୍ କରି ଡାକିଲା । କାଳୀବାବୁ ଅଛନ୍ତି ? କାଳୀବାବୁ ! ଭିତରୁ ଜବାବ୍ ଆସିଲା-ଆପଣ କିଏ ?

ମୁଁ କିଶୋର, ଆପଣଙ୍କର ଭଡ଼ାଟିଆ ।

ଓଃ, କିଶୋର ବାବୁ ଯେ, ଆରେ ଭିତରକୁ ଆସନ୍ତୁ । ହସି ହସି ରେଖାଦେବୀ କହିଲେ ।

ରେଖାଦେବୀଙ୍କ ସହିତ କିଶୋର କାଳୀବାବୁଙ୍କ ଡ୍ରଇଁ ରୁମ୍‌ରେ ପହଞ୍ଚିଲେ । ରେଖାଦେବୀ ଖଣ୍ଡିଏ ଚେୟାର ଦେଖାଇ ଦେଇ କହିଲେ ବସନ୍ତୁ କିଶୋରବାବୁ ! ସମୟ ନ ଥିଲେ ବି

ରେଖାଦେବୀଙ୍କ ଅନୁରୋଧକୁ କାଟି ପାରିଲା ନାହିଁ କିଶୋର । ଚେୟାରଟିକୁ ଟିକଏ ଟାଣିଆଣି ବସିପଡ଼ିଲା । ସେ କହିଲା, କାଳୀ ବାବୁ ଆଜି କୁଆଡ଼େ ଯାଇଛନ୍ତି କି ? କାହିଁ ଘରେ ତ ନାହାନ୍ତି ।

ସେ ବଜାରକୁ ଆମର କେତେଟା ଗହଣା କିଣିବାକୁ ଯାଇଛନ୍ତି । ଏଇତ ଅଧଘଣ୍ଟାଏ ଆଗରୁ ଗଲେ । କ'ଣ କାମ ଅଛି ମୋତେ କୁହନ୍ତୁ । ନାଁ ମୋ ଦେଇ ହୋଇ ପାରିବ ନାହିଁ !

କିଶୋର ହାତରେ ଧରିଥିବା ନୋଟଗୁଡ଼ିକ ଦେଖାଇ କହିଲା, ଏଇ ଘରଭଡ଼ା ଟଙ୍କା ଦେବାକୁ ଆସିଥିଲି । ଆଜି ଆମେ ରାତିଗାଡ଼ିରେ ଗାଁକୁ ଚାଲି ଯାଉଛୁ ନା । ଭଡ଼ାଟା ଚୁକ୍ତିକରି ଦେଇଯିବା ଦରକାର ।

ରେଖାଦେବୀ ହସି ହସି କହିଲେ—ତା'ହେଲେ ମୋତେ ଦେଇ ଯାଆନ୍ତୁ କ୍ଷତି କଣ ? ଆପଣ ତା'ହେଲେ ଆଜି ଗାଁକୁ ଯିବେ । ଆଉ ଆସିବେ କି ନାହିଁ ?

ହଁ ମାସକ ପରେ ଆସିବି । ତା'ହେଲେ ନିଅନ୍ତୁ, ଦଶ-ଟଙ୍କିଆ ନୋଟ ଛ'ଖଣ୍ଡ ରେଖାଦେବୀଙ୍କ ହାତକୁ ବଢ଼ାଇ ଦେଇ ଦେଇ କିଶୋର କହିଲା—ଏମାସର ଭଡ଼ା ପଚାଶଟଙ୍କା ଆଉ ଆସନ୍ତା ମାସପାଇଁ ଦଶଟଙ୍କା ଏଡ଼ଭାନ୍ସ ଦେଉଛି । ରଖିଥା'ନ୍ତୁ କାଳୀବାବୁ ଆସିଲେ ଦୟାକରି କହିଦେବେ । ମୁଁ ଯାଉଛି, ତେଣେ ଜିନିଷପତ୍ରଗୁଡ଼ାକ ବନ୍ଧାବନ୍ଧି କରିବାକୁ ହେବ । ଆହୁରି ବି ବହୁତ ଗୁଡ଼ାଏ କାମ ଅଛି ।

ରେଖାଦେବୀ କହିଲେ, ଯିବେତ ଟିକିଏ ଚା' ଖାଇ ଦେଇ ଯାଆନ୍ତୁ ।

ନାଁ ନାଁ ରେଖାଦେବୀ, ମୁଁ ଚା ପା ଖାଏ ନାହିଁ । ମୋତେ ଆଉ ହଇରାଣରେ ପକାନ୍ତୁ ନାହିଁ । ମୁଁ ଯାଉଛି, ଦେଖୁଛନ୍ତି ପର

ସମସ୍ତ ଅଭାବ । ଘରୁ ଫେରି ଆସିଲେ ଯେତେ ଜିନିଷ ଦେଖିବ ସବୁ ଖାଇଦେଇ ଯିବ ପଛେ ବର୍ତ୍ତମାନ ସେ ସବୁ କଥା ଭୁଲନ୍ତୁ । ଏହା କହି କିଶୋର ଚେୟାରରୁ ଉଠି ଚାଲି ଆସିଲା ତଳ ମହଲାକୁ ଦେଖାଦେବା ଲଜ୍ଜା ବୋଧ କରି ରହିଗଲେ ଭିତରେ ।

ବିଜୟ ପାଖରେ ଜଳଖିଆ ଦୋକାନୀ ବସି ହିସାବ କରୁଛି ଆସି ପହଞ୍ଚିଲା କିଶୋର । ଦୁହେଁ ମିଶି ହିସାବ କରି ବସିଲେ ମୋଟ ଚାଳିଶି ଟଙ୍କା ବାରଅଣା । ସୁଟ୍‌କେଶ୍‌ରୁ ନୋଟ୍ କାଢ଼ି ବଢ଼ାଇ ଦେଲା ବିଜୟ ଦୋକାନୀ ହାତକୁ, ଟଙ୍କା ଧରି ହସି ହସି ଚାଲିଗଲା ସେ । ସେତେବେଳକୁ ରାତି ସାତଟା ବାଜି ତିରିଶମିନିଟ୍ ହୋଇ ଗଲାଣି ।

କିଶୋର ଓ କହିଲା ବିଜୟ, ଆ ଭାଇ ଜିନିଷପତ୍ରଗୁଡ଼ାକ ବନ୍ଧା ବନ୍ଧି କରିଦେବା । ଦୁଇଜଣଯାକ ସାଙ୍ଗହୋଇ ଜିନିଷପତ୍ର ବନ୍ଧା ବନ୍ଧି କରିବାରେ ଲାଗିପଡ଼ିଲେ । ଅଧଘଣ୍ଟାଏ ଭିତରେ ବନ୍ଧା ବନ୍ଧି ସରିଲା । ଦୁଇବନ୍ଧୁ ସଜବାଜ ହୋଇ ବାହାରି ପଡ଼ିଲେ ହିନ୍ଦୁସ୍ଥାନ ହୋଟେଲକୁ ।

ଭାତ, ତରକାରୀ, ଭଜା, ମାଂସ ପ୍ରଭୃତି କେତେପ୍ରକାରର ଖାଦ୍ୟ ଆସି ପହଞ୍ଚିଗଲା ବାବୁଙ୍କ ଲାଗି କିନ୍ତୁ ବାବୁଙ୍କର ସେଥିରେ ଆଉ ଆଦର ନାହିଁ, ସବୁ ଜିନିଷ ସେହିପରି ରଖା ହୋଇଛି ଏଣୁ ତେଣୁ କରି ଦୁଇ ଚାରିଥର ଲେଖାଏଁ ଖାଇ ଉଠି ଆସିଲେ । ମନ ତ ଉଡ଼ା ଚଢ଼େଇ ପରି ଉଡ଼ି ବୁଲୁଛି ଗାଁଆକୁ ଯିବାକୁ । ଭୋକ ହେଉଛି କେଉଁଠି ଯେ ଖାଇବେ । ଦୀର୍ଘ ତିନିବରଷର ପରେ ଜନ୍ମ ଭୂଇଁର ଡାକରା ଆସିଛି । ସେହି ଡାକରେ ସେ ଭୋକ ଶୋଷ ଭୁଲି ଯାଉଛି । ସବୁବେଳେ ଭାବୁଛି କିପରି ଥିବେ ତାର ବାପା, ବୋଉ, ଆଉ ଆଦରର ଭଉଣୀ । ତିନି ବରଷ ପରେ ସେ ଘରକୁ ଯିବା

ବୋଉ ଆନନ୍ଦରେ ନାଚିଉଠିବେ ପୁଅକୁ ପାଇ, ବାପା କୋଟିନିଧି ପାଇଲା ପରି ହେବେ । ଆଉ ହେମ ଭାଇଙ୍କ ଭାଇ ବୋଲି କେତେ ଗୌରବାନ୍ୱିତ ହୋଇ ପାରନ୍ତି ନେଇଯିବ ଗାଁ ମୁଣ୍ଡରୁ ତାର ପାଗଳା ଭାଇକୁ । ହସି ଉଠିବ ମଧ୍ୟ ମହାନ୍ତିଙ୍କ ଘର, ଫେରି ଆସିବ ଅଜ୍ଞାତରେ ହଜି ଯାଇଥିବା ଧନ ।

ହୋଟେଲ ମ୍ୟାନେଜରଙ୍କୁ ବାକି ଥିବା ଟଙ୍କା ଦେଇ ଦୁଇଜଣଯାକ ଫେରି ଆସିଲେ ବସାକୁ ।

ରାତି ଆଠଟା ବାଜିଗଲାଣି । ଆଉ ଘଣ୍ଟାଏ ପରେ ଏକ୍ସପ୍ରେସ ଟ୍ରେନ ହାଓଡ଼ା ଛାଡ଼ିବ । ବିଜୟ ତର ତର କରି ମୁଣ୍ଡଟାକୁ ଟିକିଏ କୁଣ୍ଡେଇ ଦେଲା । ଶାନ୍ତିପୁରୀ ଖଦଡ଼ ଉପରେ ସିଲ୍କ ପଞ୍ଜାବୀ, ହାତରେ ଘଡ଼ି ପିନ୍ଧି ଅଇନାରେ ନିଜ ଚେହେରାଟିକୁ ଟିକିଏ ଦେଖି ନେଲା ସେ । ବେଶ୍ ଚେହେରା ଖଣ୍ଡିଏ ବିଜୟର । ତାଙ୍କୁ ତା ବାପା, ବୋଉ, ଭଉଣୀ ଚିହ୍ନି ପାରିବେ ତ ? ତିନି ବରଷ ତଳେ ତ ଏପରି ନ ଥିଲା ସିଏ । ବର୍ତ୍ତମାନ ଗୋରାତକ୍ତକ୍ ଚେହେରା । ନାକତଳେ ପରଜାପତିଆ ନିଶ ବେଶ୍ ମାନୁଛି ।

କିଶୋର ଟିକିଏ ଭଲ ଭାବରେ ଦେହକୁ ସଜାଉଛି ଭବିଷ୍ୟତ ଆଶାରେ; କାରଣ ହେମ ବହିଣୀଙ୍କ ମନକୁ ଯେପରି ନେଇ ପାରିବ ସେ ; ପେଣ୍ଟ, ସାର୍ଟ, ମୋଜା, ଯୋତା ପ୍ରଭୃତି ପିନ୍ଧି ଦେହକୁ ସଜାଉଛି । ତା ଚେହେରାଟିବି ବେଶ୍ ଦେଖାଉଛି । ବିଜୟ ବାହାରେ ବୁଲୁ ବୁଲୁ ଡାକିଲା, କିଶୋର ! କେତେ ବେଳ ସରିଲା, ଗାଡ଼ି ଖଣ୍ଡେ ଡାକିବାକୁ ଯିବୁ ଯେ—

ହଁ ଯାଉଛି, କିଶୋର ବାହାରି ଆସି ଚାଲିଗଲା ଭଡ଼ାଗାଡ଼ି ଖଣ୍ଡେ ଡାକି ଆଣିବାକୁ । ବିଜୟ ଏକଦୃଷ୍ଟିରେ ଚାହିଁରହିଥାଏ କିଶୋର ଆଡ଼କୁ । ହାତରେ ସିଗାରେଟ, ମନରେ ଧାର୍ଯ୍ୟ ଭାବବର୍ଷଣ

କଲିକତା ଅନୁଭୂତି ଗୋଟି ଗୋଟି କରି ଆଖି ଆଗରେ ନାଚି ଯାଉଛି । ଧନ୍ୟ ମା ଗଙ୍ଗାକାଳୀ— ଧନ୍ୟ ତୁମର ମହିମା କହି କାଳୀଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ନୁଆଁଇଲା ବିଜୟ ।

ଦଶ ମିନିଟ ପରେ ଟାକ୍ସି ଖଣ୍ଡିଏ ଆସି ଲାଗିଲା ଚିତ୍ତରଞ୍ଜନ ଏଭିନ୍ୟୁର ସେହି ତିନି ମହଲା କୋଠା ପାଖରେ ।

ତର ତର କରି ଘର ଭିତରକୁ ପଶିଗଲା ବିଜୟ ଓ କିଶୋର ମଧ୍ୟ, ଜିନିଷ ପତ୍ର ଆଣି ଗାଡ଼ିରେ ବୋଝେଇ କଲେ ଦୁଇ ବନ୍ଧୁ । ସବୁ କାମ ସରିଲା, ବିଜୟ ବସାଟିରେ ତାଲା ଦେଇ କିଶୋର ସହିତ ବସିଲା କାରରେ ।

ଡ୍ରାଇଭର ଷ୍ଟାର୍ଟ ଦେଲା ଗାଡ଼ିରେ । ଗାଡ଼ି ଆଗେଇ ଚାଲିଲା ଷ୍ଟେସନକୁ ।

ହାଓଡ଼ା ଷ୍ଟେସନ— ଯାତ୍ରୀଙ୍କର ଗୋଳରେ ଉଚ୍ଛୁଳି ଉଠୁଛି । କାର ଆସି ଷ୍ଟେସନରେ ପହଞ୍ଚିଲା । ଦୁଇବନ୍ଧୁ ଗାଡ଼ିରୁ ଓହ୍ଲାଇ ପଡ଼ିଲେ । ଭଡ଼ା ବାବଦ ବିଜୟ ମନିବ୍ୟାଗରୁ ପଇସା କାଢ଼ି ଡ୍ରାଇଭରକୁ ଦେଇ ଦେଲା । ଡ୍ରାଇଭର "ନମସ୍କାର" କହି ଗାଡ଼ି ନେଇ ଚାଲିଗଲା । କିଶୋର କହିଲା— ବିଜୟ ତୁ ଏଇଠି ଜିନିଷ ପତ୍ର ପାଖରେ ଥା— ମୁଁ ଯାଉଛି ଟିକେଟ ଦୁଇଖଣ୍ଡ କରି ଆଣେ ।

ହଉ ଯା, କହି ବିଜୟ ସେଠାରେ ଟହଲ ମାରୁଥାଏ— ଭାବୁଥାଏ କିଶୋର କଥା, କେଡ଼େ ସୁନ୍ଦର ପିଲା ଏ କିଶୋର— କେଡ଼େ ଶାନ୍ତଶିଷ୍ଟ, ପରପାଇଁ ନ ଖାଇ ନ ପିଇ ସବୁ ରାତି ଉଜାଗର ରହାଇ ଜୀବନ ଦେଇ ପାରେ । ମୁଁ ତ ତା ପାଇଁ କିଛି କରି ପାରି ନାହିଁ, ମୁଁ ବା ତା ଦାନର ପ୍ରତିଦାନ କେଉଁ ଦେଇ ପାରିବି— ହେମ ! କିଶୋର ସହିତ ତୋତେ ଯଦି ଏକାଠି କରି ପାରନ୍ତି ତୁମର ସୁଖର ସଂସାର ହସି ଉଠନ୍ତା ଲକ୍ଷ୍ମୀ—

ତୁ ନିଶ୍ଚୟ କିଶୋର ପାଖରେ ସୁଖୀ ହୋଇ ପାରିବୁ । ମନରେ କେତେ କୁଆଡୁ ଭାବନାର ଛାୟା ଦେଖାଗଲା— ସବୁ ଗୋଳମାଳ ହୋଇଗଲା ବିଜୟର । କହିଲା— ଭଗବାନ, ତୁମେହିଁ ଏ ଗର୍ଭର ଭରସା ।

କିଶୋର ହାତରେ ଦୁଇଖଣ୍ଡ ଟିକେଟ ଧରି ଆସି ପହଞ୍ଚି କହିଲା— ବିଜୟ ଦେ ଭାଇ କୁଲି ଡାକ ଜିନିଷ ପତ୍ର ଗାଡ଼ିକୁ ଉଠାଇବାକୁ ଚେଷ୍ଟାକର— ସମୟ ହୋଇଗଲାଣି ।

ଏ କୁଲି ନେ, ଏ ଜିନିଷ ଗାଡ଼ିକୁ ଉଠା । ବିଜୟ ପଛେ ପଛେ କୁଲିଟି ଜିନିଷ ନେଇ ଗାଡ଼ିରେ ରଖିଲା, କିଶୋର ପ୍ଲାଟଫର୍ମରେ ଥାଏ, ସବୁ ଜିନିଷ ପତ୍ର ଗାଡ଼ିକୁ ଉଠିଲା— କିଶୋର ଯାଇ ବସିଲା ଗାଡ଼ିରେ··· । ଗାଡ଼ିର ପ୍ରଥମ ଘଣ୍ଟା ବାଜିଲା— ଗାର୍ଡ ସାହେବ ହୁଇସିଲ୍ ଦେଲେ— ତା' ପରେ ଭସ୍ ଭସ୍ ହୋଇ ଧୂଆଁ ଛାଡ଼ି ଗାଡ଼ି ଆଗେଇ ଚାଲିଲା ଷ୍ଟେସନ୍ ଛାଡ଼ି— ବିଜୟ କାଳୀଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆଟିଏ ମାରି ବସି ରହିଲା ।

## ଏଗାର

ଆଜି ଜ୍ୟେଷ୍ଠର ଶୁଭ ମୁହୂର୍ତ୍ତରେ ପୃଥିବୀରେ ବାଜି ଉଠୁଛି ଶୁଭଶଙ୍ଖ, ତା ସହିତ ନାରୀ କଣ୍ଠର ହୁଳହୁଳି ସ୍ୱନ ବାଣ ସେପଣୀରେ ପୋଡ଼ି ଯାଉଛି— ହଜାର ହଜାର ଶହ ଶହ ଟଙ୍କା । ଅଜ୍ଞ ଚମକ ଉଠୁଛି ଧରା, ତା ସହିତ ମିଶି ଯାଉଛି— ଶହ ଶହ ତରୁଣ, ତରୁଣୀଙ୍କର ମିଳନର ମଙ୍ଗଳ ବାଜଣା । ଅଭିସାରୀ ଯୁବତୀଙ୍କ ହୃଦୟରେ ବାଜି ଯାଉଛି— କାମଶାଣ ବାଣ, ସେ ଅମ୍ବୁବଭେଷ

ହୋଇ ଚାଲି ସଉନ୍ଦରଦ୍ଭ ଭୁର୍କରେ— ବଗାଲକୁ ନିଧାଙ୍କର । ସୁକୁମାରୀ ତରୁଣୀ ପ୍ରିୟ ମିଳନ ଆଶାରେ ଗୃହିଁ ରହୁଛି— ପ୍ରିୟର ଆଗମନ ପଥକୁ । ସେହି ଶୁଭ ମୁହୂର୍ତ୍ତର ବାଉଁଶୀ ପରଶ ବାଜି ଯାଉଛି ହେମ ଦେହରେ, ଦେହ ଶୀତେଇ ଉଠୁଛି, ଛାତିରେ ନିଆଁ ଖପରା ଜଳି ଉଠୁଛି ତାର— କଲିଜାରେ ସତେ କି ଛୁରି ଚୁଲି ଯାଉଛି, ଅମାନିଆ ମନ କାହିଁରେ ଲାଗୁ ନାହିଁ । ସବୁ ଟେପର ଶୂନଶାନ ଜଣା ପଡୁଛି ତାକୁ । ସେ ଅଜି କାହା କୋଳରେ ମୁଣ୍ଡ ରଖି ହସି ହସି ଯୌବନକୁ ଉପଭୋଗ କରୁଥାନ୍ତା, କିନ୍ତୁ ସେ ଆଶା ମଉଳି ଯାଉଛି ତାର । ମନେ ମନେ ଭଗବାନଙ୍କୁ ଅଭିଶାପ ଦେଉଛି, ନିଜ ଅମ୍ମାକୁ ନିନ୍ଦା କରୁଛି । କାହିଁକି, ସେ ସଂସାରକୁ ଜନ୍ମ ହୋଇ ଆସିଥିଲା— କ'ଣ ତିଳ ତିଳ ହୋଇ ମରିବାକୁ । ବଳଭଦ୍ର ଚୌଧୁରୀ ସହିତ........ ଅସମ୍ଭବ । ତା ହୋଇ ନ ପାରେ, ଜଳି ପୋଡ଼ି ମରିବା ଅପେକ୍ଷା ବିଷଖାଇ ମରିବା ଶତଗୁଣେ ଭଲ ।

ତାଙ୍କ ଘର ଆଜି ଧୋ-ଧୋ ହୋଇ କମ୍ପୁଛି । ବନ୍ଧୁ ବାନ୍ଧବ ସମସ୍ତେ ଆସି ସାରିଲେଣି । ପୁରୀ, କାକରା ବାସନାରେ ଘର ମହକି ଉଠୁଛି । ଆଉ ଘଣ୍ଟାଏ କି ଦୁ' ଘଣ୍ଟା ପରେ ବରଯାତ୍ରୀ ଆସି ପହଞ୍ଚି ଯିବେ, ତାଙ୍କ ଖାଇବା ପିଇବାରେ ଯେପରି କିଛି ତ୍ରୁଟି ନ ହୁଏ । ମଧୁ ବାବୁ ଅଣ୍ଟାରେ ଗାମୁଛା ଗୁଡ଼ାଇ ଏ ପାଖ ସେ ପାଖ ଦାଣ୍ଡିଆ ମାରୁଛନ୍ତି । ଗୋଡ଼କୁ ଟିକିଏ ହେଲେ ଫୁରୁସତ ନାହିଁ । ହେମ ବୋଉଙ୍କର ମଧ୍ୟ ସେହି ଅବସ୍ଥା, ଘରଠାରୁ ବାହାର ପର୍ଯ୍ୟନ୍ତ ସବୁ କାମରେ ଲାଗିଛନ୍ତି ପାଉଛନ୍ତି ସେ ।

ବୀଣା ଦେବୀ ହେମ ପାଖରେ ବସି ତାକୁ ସାନ୍ତ୍ୱନା ଦେଉଛନ୍ତି— ବ୍ୟସ୍ତ ହୁଅ ନାହିଁ ହେମ ! ବିଜୟ ଅଜି ଆସିଲେ ସେ ଏଥିରେ ହେବେ, ସଙ୍ଗ ହେବେ ନାହିଁ, ତୁମେ ଟିକେ ଧୈର୍ଯ୍ୟ ଧର ଭଉଣୀ । ଚିଠି ଦେଇଛନ୍ତି ଯେତେବେଳେ ନିଶ୍ଚୟ ଆସିବେ । ତୁମେ ଦେଖିବ

ବଳଭଦ୍ର ଚୌଧୁରୀ ଘରକୁ ଯିବ ନାହିଁ, ମୁଁ ଏ କଥା ଭଲ ଭାବରେ ଜାଣି ପାରୁଛି । ପିଲାଦିନରୁ ଚୌଧୁରୀଙ୍କ ପ୍ରତି ବିଜୟର ଯେଉଁ ମନୋଭାବ, ଜାଣିଛ ତ !— ଏହା ହୋଇ ପାରିବନି ଭଉଣୀ । ତୁମେ କ'ଣ ତା ପାଖରେ ସୁଖୀ ହୋଇ ପାରିବ ? ଅବୁଝା ହୁଅ ନାହିଁ ହେମ, ତୁମ ପାଇଁ ନୂଆ ବର କଲିକତାରୁ ଆସିବେ ଯେ— ତାଙ୍କୁ ନେଇ ମଉଜ ମଜଲିସ୍‌ରେ ମାତିଯିବ, ଯେପରି କରିଛ ତା ନ କର ଭଉଣୀ ।

ହସ ମାଡ଼ିଲା ହେମକୁ । କହିଲା— ନୂଆବୋଉ, ତମେ ବୁଢ଼ୀ ଅଲାଜୁକି ହୋଇ ଗଲଣି ।

କାଉଟା କେଉଁଠି ଥିଲା କେଜାଣି ଘର ଅଗଣାରେ କା' କା' କରି ଦୁଇ ଚାରି ଡାକ ମାରିଦେଲା । ବୀଣା ଦେବୀ ହସି ହସି କହିଲେ— ଦେଖିଲ ହେମ, କାଉ କିପରି ତୁମ ଭାଇଙ୍କର ଆଗମନର ଶୁଭ ସଙ୍କେତ ଦେଇ ଯାଉଛି । ତମ ପାଇଁ ସମସ୍ତଙ୍କ ଆଖିରୁ ଲୁହ ବହୁଛି ପରା । ଆଜି ନିଶ୍ଚୟ ଆସି ପହଞ୍ଚି ଯିବେ । ଚାଲ ରାଜକୁମାରୀ, ଜଲ୍ଦି ଯାଇ ବେଶ ସଜେଇ ଯୁବରାଜଙ୍କୁ ଅନେଇଁ ବସିଥିବ । ସେ ଯେପରି ଚାହିଁ ଦେଲେ ତମକୁ ଆପଣାର କରି ନେବେ ।

ହେମ ମନକୁ କଥାଟା ବେଶ୍ ପାଇଲା— କାଉ ବୋବାଇଲାଣି ଯେତେବେଳେ ଭାଇ ଆଜି ନିଶ୍ଚୟ ଆସିବେ । ମନରେ ଦୃଢ଼ ଧାରଣା ନେଇ ସେ ଚୁପ୍ ହୋଇ ବସି ରହିଲା । ବୀଣା ଦେବୀ ସଜବାଜ କରି ବସିଲେ, ତା ସଙ୍ଗେ ସଙ୍ଗେ ଥଟ୍ଟା ତାମସା ବି ଖୁବ୍ ଜମିଲା । ନଣନ୍ଦ ଭାଉଜଙ୍କ ଭିତରେ ଯାହା ଯାହା ହବାର କଥା ହେଲା । ଏତିକିରେ ହେମ ମନର ସାମାନ୍ୟ ପରିବର୍ତ୍ତନ ହେଲା ପରି ଜଣାଗଲା । କି ଏକ ନୂଆ ଉନ୍ମାଦନାରେ କିଶୋରକୁ ଦେଖିବା ପାଇଁ ତା ମନ ବ୍ୟଗ୍ର ହୋଇ ଉଠିଲା । କିଏସେ, ସେହି କିଶୋର । କେଉଁ ସହରରେ ତାଙ୍କ ଘର, କି ସୁନ୍ଦର ଲୋକ ସେ— ବିଦେଶରେ ରହି

ସେ ପରକୁ ଆପଣାର କରି ପାରୁଛନ୍ତି । ଶତ ଦୁଃଖ ଜଞ୍ଜାଳରୁ ଦୂରେଇ ଖାଇବା ପିଇବା ଭୁଲି ଭାଇଙ୍କୁ ମରଣ ମୁହଁରୁ ଫେରାଇ ଆଣି ପାରିଛନ୍ତି । କେତେ ଉଦାର ତାଙ୍କର ମନ, କେତେ ମହତ ତାଙ୍କର ହୃଦୟ । ବାପା ବୋଉଙ୍କ କଥାକୁ କାଟି ଭାଇ କ'ଣ ମୋତେ ଆଶ୍ରା ଛଡ଼ାଇ ପାରନ୍ତେ ? ଭାଇ ! ଭଗବାନଙ୍କ ଚରଣ ତଳେ ମୁଣ୍ଡ ଲଗାଇ ଶହେଥର ପ୍ରଣାମ କରୁଛି, ତୁମେ ଫେରି ଆସ— ତୁମ ଆଶା ସଫଳ ହେଉ । ମୁଁ ହସ ଖୁସିରେ ମୋ ଜୀବନକୁ ଉପଭୋଗ କରେଁ । ବାପା ! ଏଇଟା ତୁମ ପିତୃତ୍ୱର ଆଦର୍ଶ । ଜନମ ଦେଇଛ ବୋଲି ତୁମର ଅନ୍ୟାୟ, ପକ୍ଷପାତିତାକୁ ମୁଣ୍ଡ ପାତି ସହିବାକୁ ପଡ଼ିବ ଆମକୁ ? ନାଁ-ନାଁ, ସେ ଯୁଗ ଯାଇଛି ବାପା ! ଯେଉଁ କାମରେ ନିନ୍ଦା ହେବ, ଲୋକ ହସିବେ, ଜୀବନ ହା'-ହୁତାଶରେ କଟିବ— ସେପରି ଆଦେଶ ମୁଁ ମାନିବାକୁ ବାଧ୍ୟ ନୁହେଁ । ଆଦର୍ଶକୁ ମୁଣ୍ଡ ଉପରେ ରଖି ଆଗେଇ ଚାଲ ବାପା ! ହସି ହସି ତୁମର ପଥ ଅନୁସରଣ କରିବୁ, ତଳେ ହେଲେବି କୁଣ୍ଠିତ ହେବୁ ନାହିଁ— ସେଇଥିରେହିଁ ଫୁଟି ଉଠିବ ସବୁଜ ମନରେ ପ୍ରାଣ ଖୋଲା ହସ ।

କଗଲୁ ଟୋକା ରବିଟା କେଉଁଠି ଥିଲା, ଧଇଁ ସଇଁ ହୋଇ ଆସି ଘରେ ଖବର ପକାଇ ଦେଲା— ଦେଖ, ବରଯାତ୍ରୀ ଆସି ଯାଇ ମୁଣ୍ଡରେ ପହଞ୍ଚି ଗଲେଣି । ଘର ଭିତରେ ସ୍ତ୍ରୀ ହୁଣ୍ଡ ହୁଳହୁଳି ଉଠିଲା, ସେତିକିବେଳେ ଶଙ୍ଖୁଆ ଶଙ୍ଖଟାକୁ ଫୁଁ କରି ଫୁଙ୍କି ଦେଲା । ଢୋଲଆଳୁଆଙ୍କ ମହୁରୀର କାହାଳୀ ସୁର ସହିତ ତାଳ ମିଳାଇ ଢୋଲ ପିଟିବାରେ ଲାଗିଗଲେ ।

ଚମକ ଭାଙ୍ଗିଗଲା ହେମର ! ଚମକି ପଡ଼ିଲା ସେ— ସବୁ କଳ୍ପନା ତାର ଓଲଟ ପାଲଟ ହୋଇଗଲା, ସବୁ ଆଶା ମଉଳି ଗଲା ତା'ର । ଛାତିକୁ ବାଡ଼ି ମାରିଲା ପରି ଜଣାଗଲା ତାକୁ । ମୁଣ୍ଡଟାକୁ ପିଟିଦେଲା ହେମ, କାନ୍ଦ କାନ୍ଦ ହୋଇ କହିଲା— ଭଗବାନ ! ବେଶ୍

ଜନ୍ମରେ କି ଦୋଷ କରିଥିଲି— ଏ ଜନ୍ମରେ ଏପରି ଦଣ୍ଡଗଞ୍ଜ କଷ୍ଟ ପାଉଛି ମୁଁ ମାଗୋ । ବାପଅଜା ବାର ଭାବନା ପଶିଗଲା ତା ମୁଣ୍ଡରେ । କାନ୍ଦି କାନ୍ଦି ଢଳି ପଡ଼ିଲା । ବୀଣା ଦେବୀଙ୍କ ଉପରେ ।

ବୀଣା ଦେବୀ ହେମ ଆଖିରୁ ଲୁହ ପୋଛୁ କଅଁଳେଇ କହିଲେ— ଏମିତି ସବୁ କଥାରେ ଅଧୀର ହେଲେ କ'ଣ ହେବ ଭଉଣୀ । ଭଗବାନଙ୍କୁ ଡାକ— ସେ ଡାକରେ ଭଗବାନ ସୁଦର୍ଶନ ଚକ୍ରଧର ତୁମକୁ ଉଦ୍ଧାର କରି ତାଙ୍କ ବାହୁଚ୍ଛାୟା ତଳେ ଆଶ୍ରୟ ଦେବେ । ଶତ ଚେଷ୍ଟା କଲେ ତାଙ୍କ ପାଖରୁ କେହି ତୁମକୁ ଛଡ଼ାଇ ନେଇ ପାରିବେନି ଭଉଣୀ । ସେହି ଭଗବାନଙ୍କୁ ତୁମର ଶେଷ ଭରସା ।

ଏହା ମଧ୍ୟରେ ବରଯାତ୍ରୀ ଆସି ଗଲେଣି । ବର ଓ ବରଯାତ୍ରୀମାନଙ୍କ ପାଇଁ ଦାଣ୍ଡ ଘରେ ଗାଲିଚା ବିଛା ଯାଇ ତା ଉପରେ ଗୋଟିଏ ମୋଟା ତକିଆ ପଡ଼ିଛି । ପାଖରେ କାଚ ଥାଳିଆରେ ଭଙ୍ଗାପାନ, ସିଗାରେଟ ପ୍ରଭୃତି ସଜା ହୋଇ ଥୁଆ ହୋଇଛି । ବର ବେଶଧାରୀ ବଳଭଦ୍ର ଚୌଧୁରୀ ପାଟଯୋଡ଼ ପିନ୍ଧି, ମୁଣ୍ଡରେ ପାଗ ବାନ୍ଧି, ହାତରେ ନଡ଼ିଆ ଧରି ବର ବେଶରେ ସାଜି ହୋଇ ଅଛନ୍ତି । ହାତରେ ସୁନାମୁଦି ଟିକ୍ ଟିକ୍ ଦେଖା ଯାଉଛି । ନାକ ତଳେ ମୋଟା ନିଶ, ନିଶ ତଳକୁ ପାନ ଖିଆ ପାଟିରେ ସୁନାଖିଲମରା ଦାନ୍ତଗୁଡ଼ିକ ପାଣି ଗୋହଲା ରଙ୍ଗ ଦେଖା ଯାଉଛି । ପେଟଟା ଆଗକୁ ଓହଳି ପଡ଼ିଛି, ଗୋରା ତକତକ ଦେହକୁ ଅଦ୍ଧି କନାର ମଲ୍ ମଲ୍ ପଞ୍ଜାବୀ । ବୟସ ଚାଳିଶ ପାରି ହୋଇ କେତେ ଦୂର ଆଗେଇ ଗଲାଣି । ଧୀର ଗମ୍ଭୀର ଭାବରେ ଗାଲିଚା ଉପରେ ତକିଆକୁ ଆଉଜି ବସିଛନ୍ତି ସେ— ପାଖରେ ବରଯାତ୍ରୀ ଦଳ । ଭିତର ଖଞ୍ଜାରେ ବରଯାତ୍ରୀ-ବାଜାଦାର, ବନ୍ଧୁବାନ୍ଧବ, ସାଇ ପଡ଼ିଶା, ଭାଇ ବଉସା, ଝିଅ ଝିଆରୀ ଓ ଗାଁ ଅଇଲା ଲୋକଙ୍କ ପାଇଁ ଖାଇବାର ବ୍ୟବସ୍ଥା ଚାଲିଛି ।

ଦାଦେ ଆସି ବରଯାତ୍ରୀମାନଙ୍କୁ ହାକି ନେଇ ଗଲେଣି । ସେମାନେ ପନ୍ଦ ପାଖରେ ବସି ଟୋପୁଲୁ ଟାପର ହୋଇ କ'ଣ କଥାବାର୍ତ୍ତା କରୁଛନ୍ତି କେଜାଣି— ଅସ୍ପଷ୍ଟ ସ୍ୱର ଟିକିଏ ଟିକିଏ ଶୁଭି ଯାଉଥାଏ । ଏଣେ କାଚ ଗ୍ଲାସରେ କଦଳୀ, ନଡ଼ିଆ କୋରି, କସା ଦହି ପ୍ରଭୃତି ପଣା ନେଇ ଚୌଧୁରୀଙ୍କ ପାଖରେ ଦାଦେ ପହୁଞ୍ଚିଲେ । ଚୌଧୁରୀ ସେତିକ ଏକା ନିଶ୍ୱାସରେ ଶେଷ କରି, ପଞ୍ଜାବୀ ପକେଟରୁ ନାଲି ରୁମାଲ୍ ଖଣ୍ଡିଏ ବାହାର କରି ମୁହଁ ପୋଛୁସାରି ଦୀର୍ଘନିଶ୍ୱାସଟିଏ ଛାଡ଼ିଲେ ।

ସମସ୍ତଙ୍କର ଖିଆପିଆ ସରିଲା— ବାହାଘରର ଆୟୋଜନ ଚାଲିଲା । ବାରିକ ସମସ୍ତ ଜିନିଷ ପନ୍ଦ ବେଦୀ ଉପରକୁ ଉଠାଇ ଦେଲା । ପୁରୋହିତ ମହାପାତ୍ରେ ବେଦୀ ଉପରେ ବସି ମନ୍ତ୍ର ପଢ଼ି ଚୂଡ଼ାଗୋର କାଟିବାରେ ଲାଗିଛନ୍ତି । ଏ ସବୁ ଘଟଣା ଦେଖି ମୁଣ୍ଡ ପିଟି କାନ୍ଦ କାନ୍ଦ ଗଡ଼ି ଯାଉଛି ହେମ ! କେତେ କରୁଣ ତା' ହୃଦୟର କାହାଣୀ । କେତେ ଉହାଲ ବିକଳ ହେଉଛି ସେ ଆଜି, ତା କପାଳରେ କ'ଣ ଏଇଆ ଲେଖା ଅଛି— ଭଗବାନ ! ଦକ୍ଷକାପାଳ କାନ୍ଦ କାନ୍ଦ ମରିବାକୁ କ'ଣ ତାର ଜନ୍ମ ? ବୀଣା ଦେବୀ ତା ପାଖରେ ବସି କେତେ ଆଶ୍ୱାସନା ଦେଉଛନ୍ତି, ହେଲେ ସେଥିରେ ହେମ ମନରେ ଟିକିଏ ହେଲେ ବିଶ୍ୱାସ ଆସୁନି ।

ଙ୍ଖ ବାଜି ଉଠିଲା— ତା ସହିତ ମିଶିଗଲା ନାରୀ କଣ୍ଠର ହୁଳହୁଳି । ପୁରୋହିତଙ୍କର ଓଁ ଶ୍ରୀ ବସ୍ତୁ° ଶ୍ରୀ ବସ୍ତୁ° ଇତ୍ୟାଦି ମନ୍ତ୍ର ଧ୍ୱନିରେ ବେଦୀ କମ୍ପି ଉଠିଲା । ବାରିକ ବରର ହାତ ଧରି ନେଇ ବସାଇଲା ବେଦୀ ଉପରେ । ଜ୍ୟୋତିଷ ମଙ୍ଗଳାଷ୍ଟକ ପଢୁଥାନ୍ତି— ଯଥା:... ଧେନୁ ଇତ୍ୟାଦି ଇତ୍ୟାଦି ।

ନୁ ହଠାତ୍ ଏ କ'ଣ ? କେଉଁଠି କଣ ଏମାନେ ଲଗାଥିଲେ ? ଆଗରେ ବିଜୟ, ମଝିରେ କିଶୋର ଓ ପଛରେ ମଦନ ଭାଇ ଅଛି

ପହଞ୍ଚି ଗଲେ ବେଦୀ ପାଖରେ । ସମସ୍ତଙ୍କ ପାଟିରୁ ଅଜାଣତରେ ବାହାରି ଆସିଲା— ଆରେ ! ଏ ଯେ ବିଜୟ ! ବେଦୀ ଉପରେ ବଳଭଦ୍ର ଚୌଧୁରୀଙ୍କୁ ଦେଖି ଦେହରେ ନିଆଁ ଚଢ଼ିଗଲା ବିଜୟର । କିଏ ସେ— ଏ ବରବେଶ ଧାରୀ ପୁରୁଷ ? ଜାଲ, ଜୁଆଚୋରି, ଧପ୍ପାବାଜି, ଡକାୟତି କରି ଯେ ଲୋକଙ୍କର ସର୍ବନାଶ କରି ବୁଲୁଛି, ସେ ଆସିଛି ମୋ ଭଉଣୀକୁ ବିବାହ କରିବା ! ଅସମ୍ଭବ ! ବିଜୟ ବଞ୍ଚି ଥାଉଁ ଥାଉଁ ତାହା କଦାପି ହୋଇ ପାରିବ ନାହିଁ । ଧଡ଼୍ କରି ଘର ଭିତରକୁ ପଶିଗଲା ବିଜୟ— ପଛରେ କିଶୋର ଆଉ ମଦନ ବାବୁ । ବୋଉ ଦଉଡ଼ି ଆସି ପୁଅକୁ କୁଣ୍ଢାଇ ପକାଇଲେ । ଆନନ୍ଦରେ ତାଙ୍କ ଆଖିରୁ ଲୁହଧାର ଛୁଟି ଆସିଲା । ବାପା କୋଟିନିଧି ପାଇଲା ପରି ହେଲେ । ଘର ଭିତରେ ଚହଳ ପଡ଼ିଗଲା । ହେମ ଧଇଁସଇଁ ହୋଇ ଆସି ବିଜୟର ଗୋଡ଼ତଳେ ମୁଣ୍ଡଟାକୁ ଥୁ କରି ବାଡ଼େଇ ଦେଇ କହିଲା— ଭାଇ ! ମୋତେ ବଞ୍ଚାଅ ଭାଇ ! ଆଉ କହି ପାରିଲା ନାହିଁ ସେ— ତଣ୍ଟି ଶୁଖି ଯାଉଥାଏ ଦୁଃଖରେ ।

ଏ ଘଟଣା ଦେଖି ବିଜୟ ଆଖିରେ ଲୁହ ଜକେଇ ଆସିଲା । ଭଉଣୀର ହାଲ ଦେଖି କହିଲା— ନାଁ-ନାଁ, ଭଉଣୀ ! ମୁଁ ବଞ୍ଚି ଥାଉଁ ଥାଉଁ ତୋ ଦୁଃଖ ଦେଖି ପାରିବ ନାହିଁରେ ହେମ ! ବାପା, ବୋଉ— ତୁମେ ତା ହେଲେ ହେମର ଭବିଷ୍ୟତ ଜୀବନକୁ ଜାଳି ପୋଡ଼ି ପାରିବାକୁ ଚେଷ୍ଟା କରୁଥିଲ । ସେ କଥା ହୋଇ ପାରିବ ନାହିଁ ବାପା ! ବିଜୟ ଯେ ଆଜି ତା ପାଖରେ ପହଞ୍ଚିଛି, ତା ପାଖରୁ ତା ଭଉଣୀକୁ ଛଡ଼ାଇ ନେଇ ଅନ୍ୟ ଜଣେ ତାର ବିବାହ ଦେବା ସେ ଆଶା କରିବା ବୃଥା । ମୁଁ ମୋ ଭଉଣୀକୁ ଗୋଟାଏ ବୁଢ଼ା ଡକାୟତ ହାତରେ ଦେଇ ନ ପାରେ । ତାକୁ ମୁଁ ସୁଖୀ କରିବାକୁ ଚାହେଁ ।

ଏ କଥା ଶୁଣି ଦାସଙ୍କର ମୁଣ୍ଡ ବୁଲିଲେଇଁ ହେଲା— ବିବ୍ରତ ହୋଇ ପଚ୍ଛି କହିଲେ— ବାପ ! ଏ କି କଥା, ବେଦୀ ଉପରେ ବର ଆସି ବସିଲାଣି ଜବାବ ଦେଉଛୁ; ଏଠା କ'ଣ ଭଲ କଥା ହେବ ବାପ !

ମୁଁ ସେ ଭଲ ମନ୍ଦର କୈଫିୟତ ଦେଇ ପାରିବି ନାହିଁ ବାପା ! ପୃଥିବୀ ଓଲଟି ପଡ଼ିଲେ ସୁଦ୍ଧା ମୁଁ ଏ ବିଭାଘର ଆଉ କରାଇ ଦେବି ନାହିଁ । ତେବେ ମଙ୍ଗୁଳା ଝିଅକୁ ରଖି କ'ଣ କବରରେ ଦବୁ ! କି ଅମଙ୍ଗଳ କଥା ତୋ ପାଟିରେ ଆସୁଛି । ହେମ ବୋଉ ଥରଥର ଗଳାରେ କହିଲେ ।

ସେଥିପାଇଁ କାହାର କିଛି ଚିନ୍ତା କରିବା ଦରକାର ନାହିଁ । ମୁଁ ସେ ଭାର ମୁଣ୍ଡକୁ ନେଉଛି— ମୁଁ ଭୁଲେଇବ । କିଶୋର ! ଇଆଡ଼କୁ ଆ ତ— ଲାଜ ଲାଜ ହୋଇ କିଶୋର ବିଜୟ ଆଗରେ ମୁହଁପୋତି ଠିଆ ହୋଇ ରହିଲା । ବିଜୟ ହେମର ହାତ ସଙ୍ଗେ କିଶୋରର ହାତକୁ ମିଳାଇ ଦେଇ କହିଲା— ଆଜି ଶୁଭ ଦିନରେ ମୁଁ ଆଶୀର୍ବାଦ କରୁଛି ତୁମର ଭବିଷ୍ୟତ ଜୀବନ ମଙ୍ଗଳ ହେଉ ।

ବୀଣା ଦେବୀ କେଉଁଠି ଥିଲେ ଆଗକୁ ଆସି ଶଙ୍ଖଟାକୁ ଭୁଁ କରି ଫୁଙ୍କି ଦେଲେ । ବିଜୟ ବୀଣା ଦେବୀଙ୍କୁ ଦେଖି କହି ଉଠିଲା— ଆରେ ତୁମେ ତା ହେଲେ ସେଇ "ଗଣ ସେବିକା" ଖିଲ୍ ଖିଲ୍ ହୋଇ ହସି ଉଠିଲେ ସମସ୍ତେ ।

ବଳଭଦ୍ର ଚୌଧୁରୀ ବେଦୀ ଉପରେ ବସି ଆଁ କରି ଶୂନ୍ୟ ଆକାଶକୁ ଚାହିଁ ରହିଥାଏ ।